### ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

# ଫାଟକରେ ତାଲା ପକାଇ ଛାତ୍ରୀଙ୍କ ଧାରଣା

ସାକ୍ଷୀଗୋପାଳ,୧୯।୧(ସମିସ)



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନାଙ୍କ ବଦଳି ବାତିଲ ଦାବି କରି ବିଦ୍ୟାଳୟର ଛାତ୍ରୀମାନେ ଆଜି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ କରିଛନ୍ତି। ଆକ୍ରୋଶ ମୂଳକ ଭାବେ ଷଡ଼ଯନ୍ତ୍ର କରି ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବା ଅଭିଯୋଗ କରି ଏହି ଆଦେଶ ପ୍ରତ୍ୟାହାର କରି ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରୀମାନେ ଦାବି କରିଥିଲେ। ଫାଟକ ସମ୍ମୁଖରେ ଧାରଣା ଦେବା ସହିତ ଆମ ଶିକ୍ଷୟିତ୍ରୀଙ୍କୁ ଫେରାଇ ଦିଅ ବୋଲି ଛାତ୍ରୀମାନେ ସ୍ଲୋଗାନ ଦେଇଥିଲେ। ଏପରିକି କିଛି ପୁରାତନ ଛାତ୍ରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଫାଟକ ବନ୍ଦ ରହିଥିବାରୁ ପ୍ରଧାନ ଶିକ୍ଷକ ନିରଞ୍ଜନ କରଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଦ୍ୟାଳୟ ଭିତରକୁ ଯାଇ ପାରିନଥିଲେ। ଆଜି ପ୍ରି-ମାଟ୍ରିକ ଗଣିତ ପରୀକ୍ଷା ରହିଥିଲେ ମଧ୍ୟ ଏହା ନିର୍ଦ୍ଧାରିତ ସମୟରେ ହୋଇ ପାରିନଥିଲା। ଖବରପାଇ ସତ୍ୟବାଦୀ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ପ୍ରମୁଖଙ୍କ ସହିତ ଅନ୍ୟ ଅଧିକାରୀମାନେ ଆନ୍ଦୋଳନ ଚଳାଇଥିବା ଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ପରବର୍ତ୍ତୀ ଆଦେଶକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ପାଢ଼ୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ଦେବା ପରେ ଛାତ୍ରୀମାନେ ଆନ୍ଦୋଳନରୁ ଓହରି ଥିଲେ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା



କଣାସ,୧୯।୧(ସମିସ): କଣାସ ବ୍ଲକ୍ ବଡ଼ାଲ ପଞ୍ଚାୟତ ଓଗାଳପୁର ଗ୍ରାମର ଉତ୍ତର ଚିଲିକା ୱେଲ ଫେୟାର କ୍ଲବ୍ ପକ୍ଷରୁ ଚାଲିଥିବା ୨୪ ତମ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ଏହି ପ୍ରତିଯୋଗିତାକୁ ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ଉଦ୍‌ଘାଟନ କରିଥିଲେ। ପରେ ଉଦଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ କ୍ଲବର ଉପଦେଷ୍ଟା ରାମ ଚନ୍ଦ୍ର ମହାପାତ୍ର ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ମୋହନ କୁମାର ପରିଡା ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସର୍ବେଶ୍ୱର ଜେନା, ସମାଜସେବୀ ଅରୁଣ କୁମାର ସାମନ୍ତରାୟ, ପ୍ରଦୀପ କୁମାର ସାହୁ, କ୍ଲବର ସଭାପତି ମୋହନ ସାହୁ, ସଂପାଦକ ବିଚିତ୍ର ସାମନ୍ତରାୟ, ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ମାନସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ସ୍ମୃତି ରଞ୍ଜନ ସାହୁ ଓ ଅଭିଜିତ ସାମନ୍ତସିଂହାର।

### ● ବରିମୁଣ୍ଡରେ ଧାନମଣ୍ଡି ଉଦ୍‌ଘାଟିତ

## ୫୦୦ ବସ୍ତା ଧାନ ନେଲାନି ମିଲର୍

ନୟାହାଟ, ୧୯।୧(ସମିସ): ନୟାହାଟ ଫାଣ୍ଡି ବରିମୁଣ୍ଡ ସେବାସମବାୟ ସମିତି ପକ୍ଷରୁ ସୋମ ବାର ଦିନ ପଲ୍ଲି ଛକ ଠାରେ ସନାତନ ବେହେରାଙ୍କ ଦ୍ୱାରା ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ଅକ୍ଷୟ କୁମାର ରାୟ, କମଳାକାନ୍ତ ବେଉରା, ବିମ୍ବାଧର ଖୁଣ୍ଟିଆ, ବିଦ୍ୟାଧର ସ୍ୱାଇଁ, ରଶ୍ମି ରଞ୍ଜନ ବେହେରା, ଅମିତ୍ ପ୍ରଧାନ, ମୀନକେତନ ଖୁଣ୍ଟିଆ, ରଶ୍ମୀରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ବରିମୁଣ୍ଡ ମଣ୍ଡିରେ ଚଳିତ ବର୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣା ଯିବାର ଲକ୍ଷ ଧାର୍ଯ୍ୟ ଥିବାବେଳେ। ପ୍ରଥମ ଦିନରେ ୫୦୦ ବସ୍ତା ଧାନ ଚାଷୀ ମାନଙ୍କ ଠାରୁ କିଣା ଯାଇଥିଲା। ମିଲର ମାନଙ୍କ ମାନମାନି ଯୋଗୁଁ



ସହ ସହ ବସ୍ତା ଧାନ ମଣ୍ଡି ରେ ପଡ଼ି ରହିଲା। ଶୀତ କାକରରେ ଚାଷୀ ମାନେ ତାଙ୍କ ଧାନ ଜଗି ରହିଥିବା ବେଳେ ମିଲର ନାହିଁ ମୁଣ୍ଡାରେ ତେଲ ପକେଇ ଶୋଇଛି। ଅଣ ଚାଷୀ ଓ ଅସାଧୁ ବ୍ୟବସାୟୀଙ୍କ ଠାରୁ ଧାନ କିଣି ମାଲାମାଲ ହେଉଥିବା ବେଳେ ଚାଷୀ ମାନେ ଶୋଷଣର ଶିକାର ହେଉଛନ୍ତି। ଏଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନିଗମାନନ୍ଦ ମହିଳା କଲେଜରେ ସାମାଜିକ ବନୀକରଣ

ନିମାପଡ଼ା,୧୯।୧(ସମିସ): ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ନୟା ସବେରା, ନିମାପଡ଼ା ୟୁଥ ଟ୍ରଷ୍ଟ ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ବନୀକରଣରେ ସାମିଲ ହେବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ସମସ୍ତଙ୍କୁ ଆହ୍ୱାନ କରିବା ସହ ବୃକ୍ଷ ରୋପଣ ସମସ୍ତଙ୍କର ଜୀବନର ପବିତ୍ର ବ୍ରତ ହେଉ ବୋଲି କହିଥିଲେ। ୟୁଥ ଟ୍ରଷ୍ଟର ମୁଖ୍ୟ ନିର୍ମଳ ପରିଜାଙ୍କ ନେତୃତ୍ୱରେ ଟ୍ରଷ୍ଟର ୫୦ ଜଣ ସଦସ୍ୟ ଏହି କାର୍ଯ୍ୟକ୍ରମରେ



ସାମିଲ ହୋଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ଼ଃ ଅଶୋକ କୁମାର ବିଶ୍ୱାଳ ଏବଂ ସଂସ୍କୃତ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ଏହି ବନୀକରଣ କାର୍ଯ୍ୟକ୍ରମରେ ଅଧ୍ୟାପିକା କୀର୍ତ୍ତିମୟୀ ରାଉତରାୟ ଅଧ୍ୟାପିକା ପୂଜା ବେହେରା, ଡେମୋନଷ୍ଟ୍ରେଟର ପ୍ରତାପ ପାଣିଗ୍ରାହୀ, ସବ୍ୟସାଚୀ ନାୟକ, କନିଷ୍ଠ କିରାଣୀ ପୀତବାସ ପାତ୍ର ପ୍ରଭୃତି ଯୋଗଦେଇଥିଲେ।

## ଏକାଅଶୀତମ ତ୍ରିବେଣୀ ମହୋତ୍ସବ ଅନୁଷ୍ଠିତ

ଗମ୍ଭାରିପଦା,୧୯।୧(ସମିସ): କାକଟପୁର ବ୍ଲକ୍ ଅବଦାନ ଗ୍ରାମପଞ୍ଚାୟତ ଅଧୀନରେ ଥିବା କୋତାଙ୍ଗ ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୩ଦିନ ବ୍ୟାପି ତ୍ରିବେଣୀ ମହୋତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଅଛି। ତ୍ରିବେଣୀ ଅମାବାସ୍ୟା ଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ କୋତାଙ୍ଗ, କନ୍ତିମଳା, ଆଁରୁହା, ମଣିପୁର, ଖନ୍ଦଳ, ଗୟଳ, ବୋବୁଆ, ଆତୁଆଳ, ସନ୍ତରସର ରାଧାକୃଷ୍ଣ ବିମାନ ସମୂହ ମେଳନ ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ଯୋଗ ଦେଇଥିଲେ। ଆଖପାଖ ଗ୍ରାମର ସମସ୍ତ ପରିବାର ଗୁଡିକର ସହଯୋଗ କ୍ରମେ ଶୃଙ୍ଖଳିତ ଭାବରେ ସନ୍ଧ୍ୟା ସମୟରେ ଅନୁଷ୍ଠିତ ଧାର୍ମିକ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ଚନ୍ଦ୍ରଶେଖର



ମହାରଣା, ବୁଦ୍ଧେଶ୍ୱର ପ୍ରଧାନ, ପରମାନନ୍ଦ ସେନାପତି, ବିପିନ ମଲ୍ଲିକଙ୍କ ସମେତ ଆଖପାଖ ଗ୍ରାମର ବ୍ୟକ୍ତିମାନଙ୍କ ସହଯୋଗରେ ଦୈନିକ ଶତାଧିକ ଜନସାଧାରଣ ପ୍ରସାଦ ସେବନ କରିଥିଲେ।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୨ ଆହତ

ନୟାହାଟ,୧୯।୧(ସମିସ): ନୟାହାଟ ଫାଣ୍ଡି ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଦୁଇ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଦ୍ୱୟ ହେଲେ ଆମପଡ଼ା ଗ୍ରାମର ପବିତ୍ର ବିଶ୍ୱାଳ(୬୫) ଓ ଦେଶୁଣ୍ଡି ଗ୍ରାମର ସୁଜିତ୍ କୁମାର ସ୍ୱାଇଁ(୪୮)।



ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ଦେଶୁଣ୍ଡି ଛକ ଠାରେ ରବିବାର ରାତି ୧୨ଟା ସମୟରେ ସୁଜିତ୍ କୁମାର ସ୍ୱାଇଁଙ୍କୁ ୬ ଜଣ ବ୍ୟକ୍ତି ଆକ୍ରମଣ କରିବା ଫଳରେ ତାଙ୍କ ଗୋଡ଼, ହାତ ଓ ମୁଣ୍ଡରେ ଆଘାତ ଲାଗିଛି। ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ପକ୍ଷରେ ପବିତ୍ର ମୋହନ ଅଭିଯୋଗ କରିଛନ୍ତି ଯେ ଆମ ଘର ଠାରେ ରବିବାର ରାତିରେ ସୁଜିତ୍ କୁମାର ସ୍ୱାଇଁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାରୁ ମୋ ମୁଣ୍ଡରେ ଆଘାତ ଲାଗିଛି। ମୁଁ ଚାରିଛକରେ ଚିକିତ୍ସିତ ହେଉଛି। ଏ ସମ୍ପର୍କରେ ଗୋପ ଥାନା କେସ ନମ୍ବର ୨୧/୨୬ ଓ ୨୨/୨୬ ରେ ଦୁଇଟି ମକଦ୍ଦମା ରୁଜୁ ହୋଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାର ତଦନ୍ତ କରୁଛନ୍ତି।

## ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ସାକ୍ଷୀଗୋପାଳ,୧୯।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିନରେ ପୁରୀ, ପାୟୋନିୟର ଓ ଭୁବନେଶ୍ୱରର ଜୟଦେବ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ପାୟୋନିୟର୍ସ, ପୁରୀ ଟସ ଜିତି ଜୟଦେବ ସ୍ପୋର୍ଟିଂକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ପ୍ରଥମେ ବ୍ୟାଟିଂ କରି ଜୟଦେବ ସ୍ପୋର୍ଟିଂ ୧୯ ଓଭରରେ ଅଭିଷେକ ମହନ୍ତଙ୍କ ୪୩ ରନ ସହାୟତାରେ ୧୫୯ ରନ ସଂଗ୍ରହ କରି ଅଲ ଆଉଟ ହୋଇଥିଲା। ପାୟୋନିୟର୍ସ, ପୁରୀ ତରଫରୁ ଭାଗୀରଥି ବେହେରା ୩ଟି ଉଇକେଟ ନେଇଥିଲେ। ପାୟୋନିୟର୍ସ, ପୁରୀ ମୟଙ୍କ ପଟ୍ଟନାୟକଙ୍କ ୭୬ ରନ ସହାୟତାରେ ୧୫ଓଭରରେ ଆଠ ଉଇକେଟରେ ମ୍ୟାଚଟିକୁ ଜିତି ନେଇ ସେମିଫାଇନାଲରେ ନିଜର ସ୍ଥାନ ସୁରକ୍ଷିତ କରିଥିଲା। ଆଜିର ମ୍ୟାଚ୍ କୁ ବିଜୟ ବେହେରା ଓ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିଲେ। ଆଜିର ମ୍ୟାଚ୍ କୁ ସାକ୍ଷୀଗୋପାଳ ୟୁଜିଏସ କଲେଜର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଉଦଘାଟନ କରିଥିଲେ। ଖେଳ ଶେଷରେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ମୟଙ୍କ ପଟ୍ଟନାୟକଙ୍କୁ ପଞ୍ଚସଖା ମେମୋରିଆଲ କ୍ଲବର ବରିଷ୍ଠ ସଦସ୍ୟ ଗୋପୀନାଥ ରଥ ପୁରସ୍କୃତ କରିଥିଲେ।

## 'ଅଭୁଲା ୯୫'ର ବନ୍ଧୁ ମିଳନ



ସାକ୍ଷୀଗୋପାଳ,୧୯।୧(ସମିସ): ସତ୍ୟବାଦୀ ବ୍ଲକ୍ ଅଳଗୁମଠାରେ 'ଅଭୁଲା ୯୫'ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗେଶ୍ୱରୀ ବିଦ୍ୟାପୀଠ, ଅଳଗୁମର ୧୯୯୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଦୀର୍ଘ ୩୦ବର୍ଷ ପରେ ଏହି ବନ୍ଧୁମିଳନ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ବାକ୍‌ଦେବୀଙ୍କ ପୂଜାର୍ଚ୍ଚନା ସହ ବେଦପାଠ କରାଯାଇଥିଲା। ପରେ ଦିବଂଗତ ଗୁରୁଜୀ ନିର୍ମଳ ମହାନ୍ତି ଓ ବନ୍ଧୁ ସୁଶାନ୍ତ ବିଶ୍ୱାଳଙ୍କ ସ୍ମୃତିଚାରଣ ଓ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପ୍ରତ୍ୟେକ ବନ୍ଧୁ ବାନ୍ଧବୀ ସେମାନଙ୍କ ପାରିବାରିକ ଜୀବନୀ, ପୁରୁଣା ଦିନର ସ୍ମୃତି, ଅନୁଭୂତି ବର୍ଣ୍ଣନା କରିଥିଲେ।

## ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୮ ରେ

ଗୋପ,୧୯।୧(ସମିସ): ଚଳିତ ବର୍ଷ ଗୋପ ଆର୍ଥଲେଟିକ ଆସୁସେସନ ପକ୍ଷରୁ ପ୍ରଥମକରି ଅନୁଷ୍ଠିତ ହେବାକୁ ଯାଉଛି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ଷ ଯାହା ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି ନାମରେ ନାମିତ। ଆସନ୍ତା ମାର୍ଚ୍ଚ ମାସ ୮ ରୁ ଆରମ୍ଭ ହେବ ଏଥିରେ ମୋଟ ୮ ଟି ଟିମ ଅଂଶଗ୍ରହଣ କରିବେ। ରାଜ୍ୟ ତଥା ରାଜ୍ୟ ବାହାରୁ ଏକାଧିକ କ୍ରିକେଟ କ୍ଲବ ଅଂଶଗ୍ରହଣ କରୁଥିବାରୁ ଆୟୋଜନକାରୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସେଥି ନିମନ୍ତେ ଗତକାଲି ଗୋପ ବ୍ଲକ ର ବରିଷ୍ଠ କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ଆୟୋଜକ ଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏହାର ପୂର୍ବପ୍ରସ୍ତୁତି ବୈଠକ ଗୋପ ଜଳସେଚନ ଡ଼ାକ ବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡା ସମ୍ପର୍କ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା ପରବର୍ତ୍ତୀ ସମୟର ସ୍ଥାୟୀ କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ ପାଇଁ ନିଷ୍ପତି ନିଆଗଲା। ଯୁବ ପ୍ରତିଭା ଜିତେନ୍ଦ୍ର କୁମାର ସାହୁ, ଶିକ୍ଷାବିତ ବିଭୂତି ଭୂଷଣ ପଟ୍ଟନାୟକ, ମନୋଜ କୁମାର ପାତ୍ର, ସୁକାନ୍ତ କୁମାର ମହାନ୍ତି, ସଞ୍ଜୀବ ନାରାୟଣ ସାହୁ, ରାମଚନ୍ଦ୍ର ରାଉତ, ସୁନିଲ କୁମାର ସାହୁ ବିଷ୍ଣୁ ନାରାୟଣ ସେନାପତି କରୁଣାକର ସାହୁ ଅଭିଲାଷ ଷଡ଼ଙ୍ଗୀ, ରାଧେଶ୍ୟାମ ବେହେରା ଧୁଶାସନ ପୃଷ୍ଟି ପ୍ରତାପ କୁମାର ପରିଡ଼ା ଚେତନା କୁମାର ସାହୁ, ଜ୍ୟୋତି ରଞ୍ଜନ ମହାନ୍ତି, ଏସ କେ ରାଉଫ ଏସ କେ ସରଫରାଜ ତୁଲ୍ଲା ପ୍ରଭୃତି ବ୍ୟକ୍ତିବିଶେଷ ମାନେ ଯୋଗଦେଇ ଥିଲେ ଏହି କ୍ରିକେଟ ମ୍ୟାଚ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ହରପାର୍ବତୀ ଯୋଗ ଅନୁଷ୍ଠାନର ବାର୍ଷିକୋତ୍ସବ




ନିମାପଡ଼ା,୧୯।୧(ସମିସ): ବନମାଳୀପୁର ଅଞ୍ଚଳର ହରପାର୍ବତୀ ଯୋଗ ଅନୁଷ୍ଠାନ ଆମଣାକୁଦରେ ଅଧିଷ୍ଠିତ ମା' ବାରଭୁଜାଙ୍କ ମନ୍ଦିର ପରିସରରେ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ପ୍ରଧାନଙ୍କ ମାଗଦର୍ଶନ ଓ ଶିକ୍ଷା ଶିଶୁମାନଙ୍କୁ ସଂସ୍କାର ଦେବାରେ ଅନେକ ସହାୟତା କରିଥିଲା। ଯୋଗଗୁରୁ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ଯୋଗଦ୍ୱାରା ଜଣେ ଉତ୍ତମ ବ୍ୟକ୍ତି ପରିଚୟ ଦେବା ସହିତ ସୁସ୍ଥ ନିରୋଗୀ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ମହିଳାମାନେ ମଧ୍ୟ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ସଭାରେ ଯୋଗଗୁରୁ ପ୍ରଶାନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଲିପାଟଣା ବ୍ଲକ୍ ସଭାପତି କିଶୋର କୁମାର ଜେନା, ମୁଖ୍ୟ ଅତିଥି ଭାବେ ପବିତ୍ର କୁମାର ପଟେଲ, ଜିଲ୍ଲାପରିଷଦ ସଭ୍ୟ, ଉପଦେଷ୍ଟା ଭାବେ ଅନୁଷ୍ଠାନର ସଭାପତି ବେଣୁଧର ସାହୁ, ସମ୍ମାନିତ ଅତିଥି ଭାବେ ଡା. ପୃଥିରାଜ ଅଂଶୁମାନ ବନମାଳୀପୁର ପ୍ରାଥମିକ ଚିକିତ୍ସାକେନ୍ଦ୍ର, ହରପାର୍ବତୀ ଯୋଗ ଅନୁଷ୍ଠାନର ସଭାପତି ଦଇତାରୀ ମାଣିକ, ଝୁନାରାଣି ସାହୁ ମହିଳା ଯୋଗ ସଂଗଠନ ବନମାଳୀପୁର, ନନ୍ଦିନୀ ସା ଗୋଲାମହମ୍ମଦପାଟଣା ମହିଳା ଯୋଗ ସଂଗଠନର ସଦସ୍ୟା, ଅମ୍ବିକା ପ୍ରସାଦ ଛୋଟରାୟ, ପ୍ରଧାନଶିକ୍ଷକ ପ୍ରାଚୀ ଉଚ୍ଚ ବିଦ୍ୟାଳୟ ଆମଣାକୁଦ ଏବଂ ପ୍ରେମାନନ୍ଦ ପାତ୍ର ଯୋଗ ଦେଇଥିଲେ। ସଭାରେ ନୃସିଂହ ଚରଣ ସାହୁ ସମସ୍ତ ବିବରିଣୀ ପଠନ କରିବା ସହିତ ଯୋଗ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ସଭାକାର୍ଯ୍ୟ ସମାପନ କରାଯାଇଥିଲା। ହରପାର୍ବତୀ ଯୋଗ ଅନୁଷ୍ଠାନର ଏତାଦୃଶ କାର୍ଯ୍ୟକ୍ରମ ଏ ଅଞ୍ଚଳରେ ଏକ ଉତ୍ତମ ବାତାବରଣ ସୃଷ୍ଟି କରିପାରିଥିବାରୁ ଅଞ୍ଚଳବାସୀ ଏହାକୁ ଭୂୟସୀ ପ୍ରଶଂସା କରିଥିଲେ। ଯୋଗଦ୍ୱାରା ଉପକୃତ ହୋଇଥିବା ମହିଳାମାନଙ୍କ ବକ୍ତୃତାରେ ଥିବା ସେମାନଙ୍କ ଅତ୍ୟନ୍ତ ଖୁସିର ଭାବବିହ୍?ଳିତ ସାଧାରଣରେ ଚକିତ କରିଥିଲା।

## ନିଶା ମୁକ୍ତ ଭାରତ ଅଭିଯାନ



ସାକ୍ଷୀଗୋପାଳ,୧୯।୧(ସମିସ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସାକ୍ଷୀଗୋପାଳ ଉପ ସେବା କେନ୍ଦ୍ର ତରଫରୁ ସତ୍ୟବାଦୀରେ ନିଶାମୁକ୍ତ ଭାରତ ଅଭିଯାନ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପସେବା କେନ୍ଦ୍ର ପରିସରରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ସାମ୍ବାଦିକ ଅଶୋକ ବେହେରା, କୈଳାସ ଚନ୍ଦ୍ର ମିଶ୍ର, ଧୀରେନ୍ଦ୍ର ନାଥ ସେନାପତି ଓ ସରୋଜିନୀ ଦେବୀ ପ୍ରମୁଖ ନିଶା ମୁକ୍ତ ଭାରତ ଅଭିଯାନ ସଚେତନତା ରଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱନାଥପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଅପକାରିତା ସମ୍ପର୍କରେ ଜଣାଇବା ସହିତ ନିଶା ସେବନରୁ ଦୂରେଇ ରହିବା ନିମନ୍ତେ ସଚେତନ କରାଯାଇଥିଲା। ସେହିପରି ବିଶ୍ୱନାଥ ପୁର, ଡୁବୁଡୁବା, ବାସୁଦେଇପୁର ଓ ଆଳସରଙ୍ଗ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପ କେନ୍ଦ୍ର, ସାକ୍ଷୀଗୋପାଳ ପରିଚାଳିକା ବି କେ ସଂଯୁକ୍ତା, ବିକେ ପୀତାମ୍ବର, ବିକେ ସନ୍ତୋଷ ଓ ବିକେ ସୁକାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକେ ଲିଲି, ବିକେ ମାନୀ, ବିକେ ଅଞ୍ଜଳି ଓ ବିକେ ପୁଷ୍ପାଞ୍ଜଳି ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ପ୍ରାଚୀତଟରେ ମୌନୀ ଅମାବାସ୍ୟା ମହାସ୍ନାନ

ଚାରିଛକ,୧୯।୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ତଟର ପ୍ରସିଦ୍ଧ ବୌଦ୍ଧପୀଠ "ବୀରସିଂ ଗାଦୀ' ଘାଟରେ ମୌନୀ ଅମାବାସ୍ୟା ମହାସ୍ନାନ, ଧର୍ମଚକ୍ର ପୂଜନ, ନାମ ସଂକ୍ରୀତନର ପୂଣ୍ୟ ନେବାକୁ ଭକ୍ତଙ୍କ ଭିଡ଼ ଜମିଛି। ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଏ ପୀଠରେ ଅନ୍ତିମ ବୌଦ୍ଧ ଭିକ୍ଷୁ ସନ୍ଥ ବୀରସିଂ ଙ୍କୁ ଶ୍ରୀଚୈତନ ଦେବ ପବିତ୍ର ପ୍ରାଚୀ ପରିକ୍ରମା ସମୟରେ ସାକ୍ଷାତ କରି ତାଙ୍କ ଶୂନ୍ୟ ସାଧନା ପ୍ରଭାବରୁ ଶ୍ରୀଜଗନ୍ନାଥଙ୍କ ସଦ୍ୟ ଅନ୍ନ ମହାପ୍ରସାଦ ପ୍ରାପ୍ତହୋଇ ଚକିତ ହୋଇଯାଇଥିଲେ। ପବିତ୍ର ମୌନୀ ଅମାବାସ୍ୟାଦିନ ଏ ପୀଠରେ ତାଙ୍କର ନିର୍ବାଣ ପ୍ରାପ୍ତି ହୋଇଥିଲା। ଏଥିପାଇଁ ପୀଠସ୍ଥଳୀ ଉତ୍ସବ ମୁଖର ହୋଇଉଠିଛି। ଏ ପୀଠର ଆଦ୍ୟ ବୋଦ୍ଧଭିକ୍ଷୁ ଉପଗୁପ୍ତ ଏଠାରେ ସମ୍ରାଟ ଅଶୋକଙ୍କୁ ବୌଦ୍ଧ ଧର୍ମଦୀକ୍ଷା ଦେଇ ଧର୍ମ ଚକ୍ର ସ୍ଥାପନା କରିଥିଲେ। ଉକ୍ତ ଦିନରେ ଧର୍ମଚକ୍ର ପୂଜନ ସହ ପୀଠସ୍ଥଳୀରେ ନାମସଂକୀର୍ତ୍ତନ ଓ ବ୍ରହ୍ମ ଅଗ୍ନି ସ୍ଥାପନକୁ ଅଧିକ ଗୁରୁତ୍ୱ ଦିଆଯାଏ। ସରକାର ନମାମୀ ପ୍ରାଚୀ ଯୋଜନା କାର୍ଯ୍ୟକାରୀ କରି ଉଜୁଡ଼ି ଯାଇଥିବା ପ୍ରାଚୀତଟର ମହାନ ଐତିହ୍ୟସ୍ଥଳ ଗୁଡ଼ିକର ତଥା ପ୍ରାଚୀନଦୀର ସ୍ଥିତିକୁ ସୁଧାରିବାକୁ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ନିମାପଡା,୧୯।୧(ସମିସ)

ନିମାପଡ଼ା ବ୍ଲକ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପୁରୀଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡ.ପ୍ରତୀକ ସିଂ, ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେରା, ଉପ-ଜିଲ୍ଲାପାଳ ରାଜକିଶୋର ଜେନା, ପି.ଡି ପ୍ରିୟ ରଞ୍ଜନ ପୃଷ୍ଟି, ପୁଲିସ ଅଧିକାରୀ କେ.ଅନଖା ବିଜୟା ପ୍ରମୁଖ ଉପସ୍ଥିତ ରହି ଆବାସ ଗୃହ, ଚକବନ୍ଦୀ,




ପାନୀୟ ଜଳ, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗର ୪୬ଟି ଅଭିଯୋଗ ଗ୍ରହଣ କରି ଏସବୁର ତୁରନ୍ତ ସମାଧାନ କରିବାରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଶେଷକରି ବେଆଇନୀ ଲଘୁ ଖଣିଜ ପଦାର୍ଥ ଚୋରା ଚାଲଣକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡଃ ମନୋଜ କୁମାର ପ୍ରଧାନ, ଏବିଡିଓ ପ୍ରୀୟଦର୍ଶିନୀ ବରାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ସହିଦ ମନୋଜ ବେହେରାଙ୍କ ସ୍ମୃତିଚାରଣ

ଚାରିଛକ,୧୯।୧(ସମିସ): ଚାରିଛକ ନିକଟସ୍ଥ ଚନ୍ଦମଉଳୀ ସଦାଦାସ ତୋଟା ନିକଟରେ ଥିବା ସହିଦ ମନୋଜ ବେହେରା ସ୍ମୃତି ଉଦ୍ୟାନ ପରିସରରେ ୨୦୦୧ ମସିହା ବ୍ୟାଚର ସହିଦ ମନୋଜ ବେହେରାଙ୍କ ସହିତ ପାଠ ପଢୁଥିବା ପୁରାତନ ସାଥିମାନେ ଏକତ୍ରିତ ହୋଇ ଉଦ୍ୟାନ ପରିସରରେ ଥିବା ସହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ସହିଦଙ୍କ ସ୍ମୃତି ଚାରଣ କରିବା ସହ ଅତିତଦିନର ସ୍ମୃତିକୁ ସାଉଁଟିଥିଲେ। ସହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଥିମାନଙ୍କ ଦ୍ୱାରା ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସୁବାସ ଚନ୍ଦ୍ର ସାହୁ, ଡ.ସତ୍ୟଭୂଷଣ ନାୟକ, କବୀନ୍ଦ୍ର ସେଠୀ, ଗଗନ ମଲ୍ଲିକ, ଦିଲ୍ଲୀପ ଦାଶ, ଦୀପକ ପ୍ରଧାନ, କ୍ଷୀରୋଦ ବେହେରା,ଅଶ୍ୱନୀ ଜେନା,ସୁରେଶ ସାହୁ, ମନୋଜ ମାଣିକ, କାଳନ୍ଦୀ ତ୍ରିପାଠୀ, ଜିତାପ୍ରିୟ ତ୍ରିପାଠୀ, ନିତ୍ୟାନନ୍ଦ ସାହୁ, ଦୀପ୍ତିକାନ୍ତ ସାହୁ, ପ୍ରମୋଦ ସାହୁ, ମହେଶ ବାଲ୍, ଧନୁର୍ଦ୍ଧର ମିଶ୍ର, ରାମଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ପୁରାତନ ସାଥି ଯୋଗ ଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୯/୧/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୨୪,୫୬୩/- ସୁନା:୦୦.୪୫୦ ଗ୍ରାମ୍ ରୁପା: ୮୪.୧୦୦ ଗ୍ରାମ୍







## ଗୁଣ୍ଡିଚା ମନ୍ଦିର ପ୍ରବେଶ ନିଃଶୁଳ୍କ ରହୁ

ପୁରୀ,୧୯।୧(ସମିସ): ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ପାଇଁ ଭକ୍ତଙ୍କଠାରୁ ଦଶ ଟଙ୍କା ଆଦାୟ କରାଯିବା ଲାଗି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ଗୁଣ୍ଡିଚା ମନ୍ଦିର ପ୍ରବେଶ ସମସ୍ତଙ୍କ ପାଇଁ ନିଃଶୁଳ୍କ ରହୁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କଠାରେ ଦାବି କରିଛନ୍ତି ପାଇଁ ସାମାଜିକ କର୍ମୀ ଦିଲ୍ଲୀପ ବରାଳ। ଏହି ମର୍ମରେ ସୋମବାର ସେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ମହାପ୍ରଭୁଙ୍କର କୋଟି କୋଟି ଟଙ୍କା ମୂଲ୍ୟର ଏକର ଏକର ସମ୍ପତ୍ତି ରାଜ୍ୟ ଓ ରାଜ୍ୟ ବାହାରେ ପଡିରହିଛି। ଠାକୁରଙ୍କର ୨୨ହଜାର ଏକର ଜମି ଠାବ କରାଯାଇପାରିନାହିଁ। ଠାବ କରାଯାଇଥିବା ୩୮ ହଜାର ଏକର ଜମିରୁ ଆଖିଦୃଶିଆ ରାଜସ୍ୱ ଆଦାୟ କରାଯାଇ ପାରୁନାହିଁ।

ସରକାର ଚାଉଳ, ଗହମ ଆଦି ମାଗଣାରେ ବାଣ୍ଟୁଛନ୍ତି। ଗୁଣ୍ଡିଚା ମନ୍ଦିର ଦେଖିବା ପାଇଁ ଗରିବ ଭକ୍ତଙ୍କୁ ୧୦ ଟଙ୍କା ଦେବା ନିଶ୍ଚିତ ବାଧିବ। ଶ୍ରୀମନ୍ଦିର ହୁଣ୍ଡିରୁ ପ୍ରତିଦିନ ସୁନାରୂପା ସହ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଛି। ଏ ସବୁକୁ ଦେଖିଲେ ଭକ୍ତଙ୍କଠାରୁ ୧୦ ଟଙ୍କା ଆଦାୟ କରିବା ବାସ୍ତବିକ ଅପ୍ରାସଙ୍ଗିକ। ତେଣୁ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ଶ୍ରୀ ବରାଳ ଦାବି କରିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ଉ

## ୧୬ ଗିରଫ; ୮ ବାଇକ୍, ୧୫ ମୋବାଇଲ ଜବତ

ପୁରୀ,୧୯।୧(ସମିସ): ପୁରୀ ଜିଲ୍ଲାରେ ଅପରାଧମୂଳକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ଚକ୍ର' ଜାରି ରହିଛି। ଅପରାଧମୂଳକ ଘଟଣା ଘଟାଉଥିବା, ବ୍ରାଉନସୁଗର, ଗଞ୍ଜେଇ ଆଦି ନିଶାଦ୍ରବ୍ୟ କାରବାର କରୁଥିବା ଏବଂ ଜୁଆ ଖେଳରେ ଲିପ୍ତ ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏ ସବୁରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ପୁରୀ ସଦର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ଏକ ବଡ଼ଧରଣର ଜୁଆ ଆଡ୍ଡାରେ ଚଢାଉ କରି ୧୬ ଜଣଙ୍କୁ ଗିରଫ କରାଯାଇଛି ବୋଲି ସୋମବାର ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ, ଶ୍ରୀସେତୁ ନିକଟ ଜଳଭଣ୍ଡାରଠାରେ ଏକ ବଡ଼ଧରଣର ଜୁଆଖେଳ ଚାଲୁଥିବା ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ରବିବାର ସନ୍ଧ୍ୟାରେ ସଦର ଆଇଆଇସି ଏବଂ ତାଙ୍କ ଟିମ୍ ଅଚାନକ ସେଠାରେ ଚଢାଉ କର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଯୁଧିଷ୍ଠିର ବାରିକ, ନବଘନ ବେହେରା, ଗଣେଶ ସାହାଣୀ, ଫିରୋଜ କୁମାର ଦାସ, ରବିନ୍ଦ୍ର ନାୟକ, ସହଦେବ ପାଢୀ, ଆଲୋକ ପାଣି, ସଞ୍ଜୟ ବେହେରା, ଛବି ପ୍ରଧାନ, ନିରଞ୍ଜନ ମହାପାତ୍ର, ସୁଶାନ୍ତ ସାହୁ, ଭବାନୀ ଶଙ୍କର ମିଶ୍ର, ରଘୁନାଥ ରାୟ, ସରୋଜ କୁମାର ମହାପାତ୍ର, ସୁନିଲ୍ ନାୟକ, ସଞ୍ଜୟ କୁମାର ଦାସ। ସେମାନଙ୍କଠାରୁ ନଗଦ ୨୩ ହଜାର ୮୦୦ ଟଙ୍କା, ୨ପ୍ୟାକେଟ ପ୍ଲେଙ୍ଗକାର୍ଡ, ୧୫ଟି ମୋବାଇଲ ଫୋନ୍ ସହିତ ୮ ଟି ମୋଟର ସାଇକେଲ ଜବତ କରାଯାଇଛି। ସଦର ଥାନା ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏହି ଜୁଆ ଆଡ୍ଡାର ମୁଖ୍ୟ ହେଉଛି ପୁରୀ ସଦର ଥାନା ଖଡିପଦା ଗ୍ରାମର ନିରଞ୍ଜନ ମହାପାତ୍ର। ତା' ନେତୃତ୍ୱରେ ଦୀର୍ଘଦିନ ହେବ ଜୁଆ ଖେଳ ଚାଲିଆସୁଥିଲା।

ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ସ୍ୱତନ୍ତ୍ର ଅଭିଯାନ ଅପରେସନ ଚକ୍ର ଜାରି ରହିଛି। ଆଗକୁ ମଧ୍ୟ ନିଶା କାରବାର, ଜୁଆ ଖେଳ, ଅପରାଧୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ରବିନାରାୟଣ ଭଞ୍ଜ।

**୨୩ ହଜାର ଟଙ୍କା ଜବତ କଲା ପୁଲିସ**

## ମହାପ୍ରଭୁଙ୍କୁ ପୁଣି ଅପମାନ, ଏଆଇ ଫଟୋ ଭାଇରାଲ




ପୁରୀ,୧୯।୧(ସମିସ): ମହାପ୍ରଭୁଙ୍କୁ ପୁଣି ଅପମାନ। ଏଆଇ ସାହାଯ୍ୟରେ ମହାପ୍ରଭୁଙ୍କ ସଂସ୍କୃତି ଓ ପରମ୍ପରାକୁ ଅପମାନ କଲାଭଳି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରଲ ହୋଇଛି। ଯାହାକୁ ନେଇ ଅସନ୍ତୋଷ ଦେଖାଯିବା ସହ ଜଗନ୍ନାଥ ପ୍ରେମୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏକ ଭିଡିଓରେ ଦେଖିବାକୁ ମିଳୁଛି ମହାପ୍ରଭୁଙ୍କ ଏକ ବିଶାଳକାୟ ପ୍ରତିମୂର୍ତ୍ତି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରହିଛି। ଏକ କ୍ରେନ ସାହାଯ୍ୟରେ ବିଗ୍ରହଙ୍କ ଉପରେ କ୍ଷୀର ଢଳା ଯାଉଛି। ସେହିପରି ଅନ୍ୟଏକ ଫଟୋ ଦେଖିବାକୁ ମିଳୁଛି ଶ୍ରୀବିଗ୍ରହ ଶୀତ ପୋଷାକ ପରିଧାନ କରି ରାସ୍ତାରେ ଯାଉଛନ୍ତି। ଏମିତି ଅନେକ ବିଭ୍ରାନ୍ତିକର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଏଆଇ ମାଧ୍ୟମରେ ଦେଖିବାକୁ ମିଳିଛି। ବିଶ୍ୱରାଜ କ୍ରିଏସନ ନାମରେ ଏକ ଇନଷ୍ଟା ଆଇଡିରେ ଏଭଳି ଏଆଇ ମାଧ୍ୟମରେ ମହାପ୍ରଭୁଙ୍କ ଅନେକ ଫଟୋ ଓ ଭିଡିଓ ପୋଷ୍ଟ କରାଯାଇଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି କି ମହାପ୍ରଭୁ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିବାର ଅବାଞ୍ଛିତ ଶୈଳୀ କୁ ନେଇ ପ୍ରସ୍ତୁତ ଚିତ୍ର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ଶ୍ରୀମନ୍ଦିର ପ୍ରଶାସନର ନଜରକୁ ଆସିଛି।

ବିଶ୍ୱରାଜ କ୍ରିଏସନ ନାମରେ ଜଣେ ବ୍ୟକ୍ତି ଏହା ପ୍ରସ୍ତୁତ କରି ପ୍ରସାରିତ କରିଥିବାରୁ ଏହି ଚିତ୍ରକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଏନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ସାଇବର ଥାନାରେ ଏକ ଏଫ୍.ଆଇ.ଆର ଦାଖଲ କରିଛନ୍ତି। ଅପରପକ୍ଷରେ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି କି ଶ୍ରୀବଗ୍ରହଙ୍କୁ ନେଇ ଏଆଇ -ଜେନେରେଟେଡ୍ ଭାଇରାଲ୍ ଭିଡିଓ ଜରକୁ ଆସିବା ମାତ୍ରେ ଇଓ-ଜେନେରେଟେଡ୍ ଭିଡିଓକୁ ତୁରନ୍ତ ବିଚାର କରି, ସାଇବର ପୁଲିସ ଷ୍ଟେସନ୍ ସମ୍ପୃକ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଭ୍ରମାତ୍ମକ ବିଷୟବସ୍ତୁ ଅପସାରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏକକାଳୀନ, ମନ୍ଦିର ପ୍ରଶାସନ ସହିତ ପରାମର୍ଶ କରି, ଆବଶ୍ୟକ ହେଲେ, ଆଇନ ଅନୁଯାୟୀ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି।

### ଅଯୋଧ୍ୟା ଅଭିମୁଖେ ଶ୍ରଦ୍ଧା ଓ ଭକ୍ତିର ସ୍ୱର୍ଣ୍ଣ ଧନୁ

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ବେଳେ ବିପୁଳ ସମ୍ବର୍ଦ୍ଧନା



ପୁରୀ,୧୯।୧(ସମିସ): ଅଯୋଧ୍ୟା ଅଭିମୁଖେ ଯାତ୍ରା କଲା ଶ୍ରଦ୍ଧା ଓ ଭକ୍ତିର ସ୍ୱର୍ଣ୍ଣ ଧନୁ। ରବିବାର ଭୁବନେଶ୍ୱରରେ ଏହି ଧନୁ ପ୍ରଦର୍ଶନ ହେବା ପରେ ରାତିରେ ପୁରୀ ଆସିଥିଲା। ସ୍ୱର୍ଣ୍ଣ ଏବଂ ଅନ୍ୟାନ୍ୟ ଧାତୁରେ ନିର୍ମିତ ଏହି ଧନୁ ସୁସଜ୍ଜିତ ଗାଡ଼ିରେ ଆସି ଉତ୍ତରପାର୍ଶ୍ୱ ମଠରେ ପହଞ୍ଚିଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଏହି ଧନୁ ଶ୍ରୀମନ୍ଦିର ଚତୁଃପାଶ୍ୱର୍ ପରିକ୍ରମା କରିଥିଲା। ସାଧୁସନ୍ଥ, ମଠାଧିଶଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସୁସଜ୍ଜିତ ଗାଡ଼ିରେ ଥିବା ସୁବର୍ଣ୍ଣ ଧନୁ ମନ୍ଦିର ଚତୁଃପାଶ୍ୱର୍ ବୁଲିଥିଲା। ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଓଡ଼ିଶୀ ନୃତ୍ୟ, ଆଧ୍ୟାତ୍ମିକ ଧ୍ୱନି, ନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ସେବାୟତ, ମଠାଧୀଶ, ସାଧୁସନ୍ଥଙ୍କ ସମେତ ଶହ ଶହ ଭକ୍ତ ଯୋଗଦେଇଥିଲେ। ଏହାପରେ ଶ୍ରଦ୍ଧା ଓ ଭକ୍ତିର ଏହି ଧନୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଥିଲା।

ରାଉରକେଲା ସନାତନ ଜାଗରଣ ମଞ୍ଚ ପକ୍ଷରୁ ନିର୍ମିତ ହୋଇଥିବା ଏହି ସ୍ୱର୍ଣ୍ଣର ଧନୁ ବିଭିନ୍ନ ଜିଲ୍ଲା ପରିକ୍ରମା କରିବା ପରେ ରବିବାର ରାତିରେ ପୁରୀରେ ପହଞ୍ଚିଥିଲା। ୨୮୬ କିଲୋ ଓଜନର ଏହି ଧନୁ ପଞ୍ଚ ଧାତୁରେ ତିଆରି। ୧ କେଜି ସୁନା, ଅଢେଇ କେଜି ରୁପା ସହ ତମ୍ବା, ଜିଙ୍କ ଓ ଲୁହା ମିଶ୍ରଣରେ ଏହି ଧନୁ ପ୍ରସ୍ତୁତ କରାଯାଇଛି। ପ୍ରାୟ ୧ କୋଟି ୧୦ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଏହି ଧନୁର ଲମ୍ବ ୮ ଫୁଟ ଓ ଓସାର ୧୦ ଫୁଟ ରହିଛି। ଓଡ଼ିଶାରୁ ତିଆରି ହୋଇ ଅଯୋଧ୍ୟା ଯାଉଥିବାରୁ ପୁରୀରେ ଏହା ପହଞ୍ଚିବା ପରେ ଏକ ଭାବାବେଗ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ଏହି ଧନୁକୁ ଅର୍ପଣ କରାଯିବ।

ଶ୍ରୀମନ୍ଦିର ଚତୁଃପାଶ୍ୱର୍ ପରିକ୍ରମା ବେଳେ ଉତ୍ତର ପାଶ୍ୱର୍ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ଗିରି ମହାରାଜ, ଶ୍ରୀମନ୍ଦିର ସେବାୟତ ସଂଘ ସଭାପତି ଗୌରହରି ପ୍ରଧାନ, ଶ୍ରୀମନ୍ଦିର ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ରବି ଦାସ, ରବିଶଙ୍କର ପ୍ରତିହାରୀ, ଉଦୟ ଶଙ୍କର ପ୍ରତିହାରୀ, ସତ୍ୟନାରାୟଣ ମନ୍ଦିର ଟ୍ରଷ୍ଟର ସଭାପତି ବଳଭଦ୍ର ମହାନ୍ତି, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁଳି ବିଲ୍, ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ

ପୁରୀ,୧୯।୧(ସମିସ): ବିଜୁଳି ବିଲ୍, ବିହନ ବିଲ୍ ଏବଂ ଶ୍ରମ କୋଡ୍ ବାତିଲ ଦାବିରେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଟୁ ଓ କୃଷକ ସଭା ପକ୍ଷରୁ ଶ୍ରମିକ କୃଷକ ସହୀଦ ସଂହତି ଦିବସ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ଦେଶରେ ନୂଆ ଶ୍ରମ କୋଡ଼ ମାଲିକମାନଙ୍କ ପାଖରେ ଶ୍ରମିକମାନଙ୍କୁ ସାଧାରଣ ଘରୋଇ ଉପଭୋକ୍ତାଙ୍କ ଉପରେ ଜୁଲମ ବଢିବ। ଜବରଦସ୍ତ ସ୍ମାର୍ଟ ମିଟର ଲଗାଇବେ। ମନରେଗା ଆଇନକୁ ବଦଳାଇ ଗ୍ରାମାଞ୍ଚଳରେ ଲୋକଙ୍କ କାମର ଗ୍ୟାରେଣ୍ଟିକୁ ନଷ୍ଟ କଲେ। ତେଣୁ ଶ୍ରମ କୋଡ଼ ବାତିଲ, ବିଜୁଳି ବିଲ୍ ଓ ବିହନ ବିଲ, ଭିଭିଜି ରାମଜୀ ଆଇନ ପ୍ରତ୍ୟାହାର ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସିଟୁ




କ୍ରୀତଦାସ କରିବ। ଏବେ ବିହନ ବିଲ୍ ଓ ବିଜୁଳି ବିଲ୍ ୨୦୨୫ ମୋଦି ଆଣିଲେ ଦେଶକୁ କର୍ପୋରେଟମାନଙ୍କ ପାଇଁ ଚରା ଭୂଇଁ କରିଦେବେ। ଗୋଟିଏ ପଟେ ଶ୍ରମିକମାନଙ୍କ ଉପରେ ଆକ୍ରମଣ ଅନ୍ୟପଟେ କୃଷକଙ୍କ ଆତ୍ମନିର୍ଭରଶୀଳତା ଓ ବିହନକୁ କର୍ପୋରେଟଙ୍କ ହାତରେ ପେଟେଣ୍ଟ ଅଧିକାର ଚାଷକୁ କ୍ଷତି କରିବ। ବିଜୁଳି ବିଲ୍ ୨୦୨୫ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବ। ଚାଷୀ ଓ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, କୃଷକ ସଭାର ଜିଲ୍ଲା ସଂପାଦକ ଭୀମସେନ ସ୍ୱାଇଁ , ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ରଶ୍ମିତା ଗୋଛିକାର, ମନୋରଞ୍ଜନ ମହାରଣା, ବାହନ ପରିଡ଼ା, ସୁରେନ୍ଦ୍ର ଦଲେଇ, ଟୁନା ନାୟକ, ଗୋବିନ୍ଦ ନାୟକ ପ୍ରମୁଖ ପୂର୍ବ ଶ୍ରମ ଆଇନ ପୁନଃ ସଂସ୍ଥାପନ, ମନରେଗା ଆଇନ ଲାଗୁ କରି ଦୁଇ ଶହ ଦିନ କାମ, ୬୦୦ ଟଙ୍କା ମଜୁରି ଲାଗୁ କରିବାକୁ କହିଥିଲେ।

### ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

## ମୋଟ ୪୨ ଅଭିଯୋଗରୁ ୩୮ ଟି ବ୍ୟକ୍ତିଗତ

ପୁରୀ,୧୯।୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସୋମବାର ନିମାପଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୪୨ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୮ଟି ବ୍ୟକ୍ତିଗତ, ୩ଟି ଗ୍ରାମ ସମ୍ବନ୍ଧୀୟ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୫ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ, ବିଡ଼ିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡ. ମନୋଜ କୁମାର ପ୍ରଧାନ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ପପୁ ବରାଳ ଉପରେ ୧୨୯ ବିଏନଏସ୍

ପୁରୀ,୧୯।୧(ସମିସ): ଟାଉନ୍ ଥାନା ମାମଲାରେ ଅଭିଯୁକ୍ତ ପପୁ ଓରଫ୍ ଧୀରେନ୍ଦ୍ରନାଥ ବରାଳ ଉପରେ ଲାଗିଲା ଛାଟ। ସବ୍ ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କୋର୍ଟ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କାର ଜିବି ବଣ୍ଡ ଏବଂ ୫୦ ହଜାର ଟଙ୍କାର ଦୁଇଜଣ ସଲଭେଣ୍ଟ ଜାମିନଦାର ସହିତ ଅତିରିକ୍ତ ଭାବେ ୧୦ ହଜାର ଟଙ୍କା ନଗଦ ଜାମିନ୍ ଅଦାଲତର ନାଜିରଙ୍କ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ଆଦେଶ ଅନୁଯାୟୀ, ଅଭିଯୁକ୍ତ ଯଦି ୩ ବର୍ଷ ଧରି ଭଲ ଆଚରଣ ରଖି ଜାମିନ ସର୍ତ୍ତାବଳୀ ପାଳନ କରନ୍ତି ତେବେ ନଗଦ ଜାମିନ ରାଶି ଫେରସ୍ତ ଦିଆଯିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ମଙ୍ଗଳବାର ଦିନ ଧାର୍ଯ୍ୟ କରାଯାଇଛି।

### ନେବଳ ଦାସ ମଠରେ ଶ୍ରୀରାମ ମହାଯଜ୍ଞ

## 'ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଆମର ମାର୍ଗଦର୍ଶକ ହୁଅନ୍ତୁ'

ପୁରୀ,୧୯।୧(ସମିସ): ଏକ ଶୃଙ୍ଖଳିତ ସମାଜ ଓ ଭାରତବର୍ଷ ପାଇଁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଆମର ମାର୍ଗଦର୍ଶକ ହୁଅନ୍ତୁ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସ୍ଥାନୀୟ ନେବଳଦାସ ମଠ ପରିସରରେ ପାଞ୍ଚ ଦିନିଆ ଶ୍ରୀରାମଚନ୍ଦ୍ର ମହାଯଜ୍ଞ ଓ ଶ୍ରୀଜଗନ୍ନାଥ କଥାମୃତକୁ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ଗଜପତି କହିଥିଲେ ଯେ, ଭାରତବର୍ଷକୁ ରାମରାଜ୍ୟରେ ପରିଣତ କରିବାର ସମୟ ଆସିଛି। ଆମକୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ହେବ। ମୁଖ୍ୟ ଆୟୋଜକ ମଠାଧୀଶ ଡ. ରାମଚରଣ ଦାସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅନ୍ତଃରାଷ୍ଟ୍ରୀୟ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ ଯେ, ଏକ ସମୃଦ୍ଧ ଓ ବିକଶିତ ଦେଶ ପାଇଁ ଗାଁ ଗାଁରେ ଶ୍ରୀରାମ ମହାଯଜ୍ଞ ଆରମ୍ଭ ହେଉ। ପ୍ରତି ଭାଗବତ ଟୁଙ୍ଗିରେ ରାମଚରିତ ମାନସ ଓ ବାଲ୍ମିକୀ ରାମାୟଣ ପାଠ କରାଯାଉ। ପ୍ରତିଟି ବ୍ୟକ୍ତି ଅହଂକାର ଓ ପରଶ୍ରୀକାତରତାରୁ ଦୂରେଇ ଯାଇ ମଣିଷକୁ ହୃଦୟ ଦେଇ ଭଲପାଉ।

**ଗାଁ ଗାଁରେ ଶ୍ରୀରାମ ମହାଯଜ୍ଞ ଆରମ୍ଭ ହେଉ**

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୁରୁଦେବ ଗୋବିନ୍ଦ ଚନ୍ଦ୍ର ଦାସଜୀ, ମହାରାଷ୍ଟ୍ରର ସନ୍ଥ ଶ୍ରୀମାଧବାଚାର୍ଯ୍ୟ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ମହାମଣ୍ଡଳେଶ୍ୱର ରାମକୃଷ୍ଣ ଦାସ ଓ ଗୌରବିହାରର ସମ୍ପାଦକ ମହନ୍ତ ସୁବଳ ଦାସଜୀ ମହାରାଜ ଯୋଗଦେଇଥିଲେ। ସଭାକାର୍ଯ୍ୟ ପରେ କଥାବାଚକ ଡ. ରାମଚରଣ ଦାସ ଓ ବାବା ବ୍ରଜବନ୍ଧୁ ଦାସ, ଶ୍ରୀଜଗନ୍ନାଥ କଥାମୃତ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଭାଗବତ ବ୍ୟାସ ବଦ୍ରି ମିଶ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, କଥାବାଚକ ବିଷ୍ଣୁ ଚରଣ ପଣ୍ଡା, ଶିକ୍ଷାବିତ୍ ଡ. ପ୍ରମୋଦ ଆଚାର୍ଯ୍ୟ, ବିଶିଷ୍ଟ ସଙ୍ଗଠକ ମଧୁସୂଦନ ମିଶ୍ର ଓ ବରିଷ୍ଠ ସେବାୟତ ବିଶ୍ୱନାଥ ସାମନ୍ତରା। ଏହି ମହାଯଜ୍ଞ ଓ କଥାମୃତ ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ।

ତେବେ ସକାଳୁ ମହାଯଜ୍ଞ ପାଇଁ ଶହ ଶହ ସାଧୁସନ୍ଥ, ମଠାଧୀଶ ଓ ମହିଳା ଭବ୍ୟ କଳସ ଯାତ୍ରା ସହ ଶ୍ରୀମନ୍ଦିର ଓ ସହର ପରିକ୍ରମା କରିଥିଲେ। କାପାଳମୋଚନ ତୀର୍ଥରୁ ଜଳ ସଂଗ୍ରହ କରାଯାଇଥିଲା। କଳସ ସ୍ଥାପନରେ ପରେ ଯଜ୍ଞ କାର୍ଯ୍ୟ ଓ ଅଖଣ୍ଡ ନାମ କୀର୍ତ୍ତନର ଶୁଭାରମ୍ଭ କରାଯାଇଥିଲା। ଯଜ୍ଞାଧ୍ୟକ୍ଷ ରୂପେ ଗାଦ୍ୟାଚାର୍ଯ୍ୟ ମଙ୍ଗଳ ପୀଠାଧୀଶ୍ୱର ୧୦୦୮ ଶ୍ରୀ ମାଧବାଚାର୍ଯ୍ୟ ମହାରାଜ (ମୁମ୍ବାଇ) ଉପସ୍ଥିତ ଥିଲେ। ଏଥିରେ ବାରଣାସୀର ମହନ୍ତ ରାମଲୋଚନ ଦାସଜୀ, ମହନ୍ତ ଭକ୍ତିଚରଣ ଦାସଜୀ (ନାସିକ), ମହନ୍ତ ହରିଓଁ ଦାସଜୀ (ବାଁସୱାଡା), ମହନ୍ତ ରାଧେ ରାଧେ ବାବା (ଇନ୍ଦୋର), ମହନ୍ତ ଗରିବ ରାମ ଦାସଜୀ (ଗୁଜରାଟ ଭାବନଭର), ମହନ୍ତ ନରହରି ଦାସଜୀ (ଝାନ୍‌ସୀ), ମହନ୍ତ ସୀତାରାମ ଦାସଜୀ (ତେଲେଙ୍ଗାନା), ମହନ୍ତ ବଳରାମ ଦାସଜୀ (ରାଜକୋଟ), ମହନ୍ତ ମହାବୀର ଦାସଜୀ (ଗୁଜରାଟ), ପୂଜାରୀ ସୀତାରାମ ଦାସ, ମହନ୍ତ କାଶୀ ଦାସ (ଉଜ୍ଜୟିନୀ), ମହନ୍ତ ସୀତାରାମ ଦାସ (ଅଯୋଧ୍ୟା), ମହନ୍ତ ଜଗଦୀଶ ଦାସ (ଦାହୋଦ ଗୁଜୁରାଟ)ଙ୍କ ସହ ଶ୍ରୀକ୍ଷେତ୍ର ଓ ଓଡ଼ିଶାର ପାପୁଡିଆ ମଠ, କଣାସ ମଠ, ବଳରାମ କୋଟ, ରାଧାବଲ୍ଲଭ ମଠ, କଟକୀ ମଠ, ଡେଙ୍ଗାପଦର ଆଦି ମଠାଧୀଶ ଯୋଗଦେଇଥିଲେ।



ଗଜପତି ମହାରାଜ କହିଲେ, ମହାପ୍ରଭୁଙ୍କର ବିଭିନ୍ନ ପର୍ବପର୍ବାଣୀରେ ସ୍ୱତନ୍ତ୍ର ନୀତିକାନ୍ତି ହେଉଛି, କିନ୍ତୁ ମୂଳ ବିଗ୍ରହ କେବେ ବାହାରକୁ ଆସନ୍ତି ନାହିଁ। ବରଂ ପ୍ରତିନିଧି ଭାବେ ଚଳନ୍ତି ପ୍ରତିମା ବାହାରକୁ ଆସିବା ପରେ ନୀତି ସମ୍ପାଦନ ହୁଏ। ଏହା ହିଁ ଶାସ୍ତ୍ର ସମ୍ମତ ବିଧି। ରଥଯାତ୍ରା ନଅ ଦିନ ଅନୁଷ୍ଠିତ ହେଉଛି। ଯଦି ବିଦେଶୀମାନେ ଭାବୁଛନ୍ତି, ଛୁଟିଦିନରେ ରଥଯାତ୍ରା ଆୟୋଜନ କରିବେ, ତେବେ ରଥଯାତ୍ରାର ୯ ଦିନ ମଧ୍ୟରେ ପଡୁଥିବା ଶନିବାର କିମ୍ବା ରବିବାର ମଧ୍ୟ ସେମାନେ କରିପାରିବେ। ନିଜ ସୁବିଧାରେ ରଥଯାତ୍ରା କରିବା ମହାପ୍ରଭୁଙ୍କ ଆଦେଶକୁ ଅବମାନନା। ଏବେ ଦେଶ ବାହାରେ ଯିଏ ଯେଉଁଠି ଯେତେବେଳେ ଚାହୁଁଛି ରଥଯାତ୍ରା ଆୟୋଜନ କରୁଛି। ଏହାଦ୍ୱାରା ମହାପ୍ରଭୁ ସବୁବେଳେ ବାହାରେ ରହୁଛନ୍ତି। ଏହା ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକୃତ କରୁଛି ବୋଲି ସେ କହିଛନ୍ତି।

## ସହରକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ



ପୁରୀ,୧୯।୧(ସମିସ): ଲକ୍ଷ୍ମୀ ବସ୍ ଚଳାଚଳକୁ ନେଇ ଏବେ ରାଜ୍ୟବ୍ୟାପୀ ବିରୋଧର ସ୍ୱର ଉଠିଲାଣି। ଏହି କ୍ରମରେ ସହର ମଧ୍ୟକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ସୋମବାର ବିରୋଧ କରିଛି ପୁରୀ ବସ୍ ମାଲିକ ସଂଘ। ପୂର୍ବରୁ ପଞ୍ଚାୟତରୁ ବିଭିନ୍ନ ବ୍ଲକକୁ ଲକ୍ଷ୍ମୀ ବସ୍ ଗଡିବା ନିଷ୍ପତ୍ତି ହୋଇଥିଲା। ମାତ୍ର ଗତ ୧୩ ତାରିଖଠାରୁ ଏହା ବ୍ଲକରୁ ହେଡ୍‌କ୍ୱାଟର ତଥା ସହର ମଧ୍ୟକୁ ଚାଲୁଥିବା ନେଇ ସମଗ୍ର ରାଜ୍ୟରେ ବିରୋଧ ପ୍ରଦର୍ଶନ କରାଯାଉଛି। ତେଣୁ ସୋମବାର ଲକ୍ଷ୍ମୀ ବସ୍ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ଘରୋଇ ବସ୍ ମାଲିକମାନେ ତାହାକୁ ଅଟକାଇ ପ୍ରତିବାଦ କରିଥିଲେ। ଘରୋଇ ବସ୍ ମାଲିକଙ୍କ କହିବା ଅନୁଯାୟୀ, ପୂର୍ବରୁ ଏହା ପଞ୍ଚାୟତରୁ ବ୍ଲକକୁ ଚଳାଚଳ କରୁଥିଲା। ଏବେ କିନ୍ତୁ ବ୍ଲକରୁ ସହରକୁ ଆସିଲାଣି। ତେଣୁ ଘରୋଇ ବସ୍ ଉପରେ ଏହାର ପ୍ରଭାବ ପଡୁଛି। ମାଲିକମାନଙ୍କୁ କ୍ଷତି ସହିବାକୁ ପଡୁଛି। ଯଦି ଲକ୍ଷ୍ମୀ ବସ୍ ପଞ୍ଚାୟତରୁ ବ୍ଲକ ମଧ୍ୟରେ ସୀମିତ ନ ରୁହେ ତେବେ ଘରୋଇ ବସ୍ ଯାତାୟତ କରିବା ସମ୍ଭବ ହେବ ନାହିଁ। ଘରୋଇ ବସ୍ ଚଳାଚଳ ଉପରେ ନିର୍ଭର କରୁଥିବା ମାଲିକ ଏବଂ କର୍ମଚାରୀମାନେ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି।

ଏବେ ଲକ୍ଷ୍ମୀ ବସ୍ ସହରକୁ ଚଳାଚଳ କରିବା ଫଳରେ ଘରୋଇ ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ତେଣୁ ରାଜ୍ୟବ୍ୟାପୀ ଏହାକୁ ବିରୋଧ କରାଯାଉଛି। ପୁରୀରେ ଏହା ୧୩ ତାରିଖରୁ ଚଳାଚଳ ଆରମ୍ଭ କରିଛି। ତେଣୁ ସେମାନେ ପ୍ରତିବାଦ ଜଣାଉଛନ୍ତି ବୋଲି ଘରୋଇ ବସ୍ ମାଲିକମାନେ କହିଛନ୍ତି। ତେବେ ଲକ୍ଷ୍ମୀ ବସ୍‌କୁ ଅଟକାଇ ପ୍ରତିବାଦ କରିବା ସମୟରେ ପୁଲିସ ପହଞ୍ଚି ମାଲିକମାନଙ୍କ ସହ ଆଲୋଚନା କରିଛି।

## ଶୁଭାରମ୍ଭକୁ ତିନି ସପ୍ତାହ ବିତିଲା, ମାତ୍ର ୮ ହଜାର କ୍ୱିଣ୍ଟାଲ ଧାନକିଣା

# ଚାଷୀଙ୍କ ପିଠିରେ ୭ କେଜିଆ ପାହାର

ନୟାଗଡ଼,୧୯ ।୧(ସମିସ)

ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖରୁ ଧାନକିଣା ଶୁଭାରମ୍ଭ ହୋଇଛି। ତେବେ ଆଜି ସୁଦ୍ଧା ଧାନକିଣା ସ୍ୱାଭାବିକ ସ୍ତରକୁ ଆସିନାହିଁ। ଜିଲ୍ଲାରେ ସୋମବାର ସକାଳ ସୁଦ୍ଧା ୧୯ଟି ପ୍ୟାକ୍ସରେ ୮ ହଜାର ୬୦୯ କ୍ୱିଣ୍ଟାଲ ଧାନକିଣା ହୋଇଛି। ଏହି ୧୯ଟି ପ୍ୟାକ୍ସ ମଧ୍ୟରେ ବରସାହି, ଶିମିଳିସାହି, ବିରୂଡ଼ା ମର୍ଦ୍ଦରାଜପୁର, କଜଳାଇପଲ୍ଲୀ, ବଳଭଦ୍ରପୁର, ଦର୍ପନାରାୟଣପୁର, ରଙ୍କଦେଉଳୀ, ଶିଖରପୁର, ଦହିଖାଇ, ତାରିଆ, ଚଢ଼େୟାପଲ୍ଲୀ, ହନୁମନ୍ତିଆ, ଯୋଗିଆପଲ୍ଲୀ, ସୋଲପଟା, ନୟାଗଡ଼, ରଣପୁରଗଡ଼, ଗମ୍ଭାରିଡିହି, ସୁରୁକାବାଡ଼ି, ଘଡୁଆଳ ପ୍ୟାକ୍ସ ରହିଛି। କେବଳ ବରସାହି ଓ ବିରୂଡ଼ା ପ୍ୟାକ୍ସରେ ୧ ହଜାର କ୍ୱିଣ୍ଟାଲ ଉପରକୁ ଧାନକିଣା ହୋଇଥିବା ବେଳେ ଅନ୍ୟ ୧୭ ପ୍ୟାକ୍ସରେ ନାମମାତ୍ର ଧାନକିଣା ହୋଇଛି। ଜିଲ୍ଲାରେ ୧୫୩ ପ୍ୟାକ୍ସ ଜରିଆରେ ୧୭୪ ମଣ୍ଡି ହେଉଛି। କିନ୍ତୁ ଆଜିପର୍ଯ୍ୟନ୍ତ ଅନ୍ୟ ପ୍ୟାକ୍ସଗୁଡ଼ିକ ଧାନ କିଣିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ମିଲରଙ୍କ ଜିଦ୍ ଓ ମନମାନୀ ଆଗରେ ଚାଷୀ ପିଠି ଦେଖାଇବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ମିଲରଙ୍କ ୭ କେଜି କଟଣି ଛଟଣି ନୀତି ଚାଷୀ ପିଠିରେ ୭ କେଜିଆ ପାହାର ବୋଲି ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବାକୁ ଅପେକ୍ଷା କରି ରହିଥିବା ବେଳେ ମିଲରମାନେ ୭ କେଜି ଲେଖାଏଁ କାଟିବା ପାଇଁ ଅଡ଼ି ବସିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲାର ଚାଷୀ କିଂକର୍ତ୍ତବ୍ୟ ବିମୂଢ଼ ହୋଇପଡ଼ିଛି। ନୟାଗଡ଼ ଜିଲ୍ଲାରେ ଗତବର୍ଷ ବର୍ଷା ଯୋଗୁଁ ଓଦା ଧାନ ମଣ୍ଡିକୁ ଆସିଥିବାରୁ ଅଧିକ କଟଣି ଛଟଣି କରାଯାଇଥିଲା। ଚଳିତବର୍ଷ ଶୁଖିଲା ଧାନ ଅମଳ ହୋଇଥିବା ବେଳେ ୭ କେଜି କଟଣିକୁ ନେଇ ସବୁଠି ସନ୍ଦିହାନ ଅବସ୍ଥା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ମିଲରଙ୍କ ଉପରେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## ଖମାରିସାହି ମଣ୍ଡିରେ ଜିଲ୍ଲାପାଳ

# ମିଲର୍ ଓ ସମ୍ପାଦକଙ୍କୁ ତାଗିଦ୍

ନୟାଗଡ଼,୧୯ ।୧(ସମିସ)



ନୟାଗଡ଼ ଜିଲ୍ଲା ସଦର ବ୍ଲକ ଖମାରିସାହି ପ୍ୟାକ୍ସରେ ସୋମବାର ଧାନକିଣା ଚାଲିଥିବା ବେଳେ ଜିଲ୍ଲାପାଳ ମଧୁମିତା ରଥ ଅଚାନକ ସେଠାରେ ପହଞ୍ଚିଥିଲେ। ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ। କଟଣିକୁ ନେଇ କିଛି ଚାଷୀ ପ୍ରଶ୍ନ ଉଠାଇବା ପରେ ଜିଲ୍ଲାପାଳ ଚାଷୀଙ୍କ ମତାମତ ଶୁଣିଥିଲେ। ଚାଷୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଧାନ ଓଜନ କରି ରଖିବାକୁ ଖମାରିସାହି ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ। ଚାଷୀଙ୍କ ଦାବିକୁ ପ୍ରଥମେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ସମ୍ପାଦକଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ମିଲରଙ୍କୁ ମଧ୍ୟ ତାଗିଦ୍ କରାଯାଇଛି। ସନ୍ଧ୍ୟାରେ ମିଲରଙ୍କ ସହ ଆଲୋଚନା କରିବାକୁ ଜିଲ୍ଲାପାଳ ଚାଷୀଙ୍କୁ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି।

## ବାଉଁଶ ବୋଝେଇ ପିକଅପ୍ ଭ୍ୟାନ୍ ଜବତ



ଓଡ଼ଗାଁ,୧୯ ।୧(ସମିସ): ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକଙ୍କ ତତ୍ତ୍ୱାବଧାନରେ ଓଡ଼ଗାଁ ବନ କର୍ମଚାରୀ ଚେମେଡ଼ି ପଟୁ ବାଘୁଆ ଛକ ଆଡ଼କୁ ଆସୁଥିବା ଏକ କଞ୍ଚା ବାଉଁଶ ବୋଝେଇ ପିକ୍ଅପ୍ ଭ୍ୟାନ ଅଟକାଇବା ବେଳେ ଗାଡ଼ି ଚାଳକ ସହ ଅନ୍ୟମାନେ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ଘନ କୁହୁଡ଼ି ମଧ୍ୟରେ ସେମାନଙ୍କୁ ଧରିବା ସମ୍ଭବ ହୋଇ ନ ଥିଲା। ବନ କର୍ମଚାରୀ ବାଉଁଶ ବୋଝେଇ ପିକ୍ଅପ୍ ଭ୍ୟାନକୁ ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ ଗାଡ଼ିର ନମ୍ବରରେ ମାମଲା ରୁଜୁକରି ତଦନ୍ତ ଜାରି ରହିଛି। ୧୮ ତାରିଖ ଭୋର୍ ସମୟରେ ବନରକ୍ଷୀ ଦୀପ୍ତିମୟୀ ରାଉତ, ସୌମ୍ୟରଞ୍ଜନ ଦଳେଇ, ସୁଧୀର କୁମାର ଭୋଳ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ପାଇ ବାଉଁଶ ବୋଝେଇ ପିକ୍ଅପ ଭ୍ୟାନକୁ ଜଗି ରହିଥିଲେ। ଭ୍ୟାନ ବାଘୁଆ ଛକ ନିକଟରେ ପହଞ୍ଚିବା କ୍ଷଣି ବନ କର୍ମଚାରୀ ଅଟକାଇଥିଲେ। ଓଡ଼ଗାଁ ବନାଞ୍ଚଳ ଅଧିକାରୀ ମଲିକ ଏବଂ ବନପାଳ ସରିତା ବରାଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଓଡ଼ଗାଁ କାର୍ଯ୍ୟାଳୟକୁ ଆଣିଥିଲେ।

# ପାନୀୟ ଜଳ ଯୋଗାଣ ଦାବିରେ ଏନ୍ଏଚ୍ ଅବରୋଧ

● ପାଣି ଆସିଲା, ରାସ୍ତାରୋକ ହଟିଲା



ଦଶପଲ୍ଲା,୧୯ ।୧(ସମିସ): ଗାଁ ମୁଣ୍ଡରେ କୁଆଁରିଆ ଜଳଭଣ୍ଡାର। ହେଲେ ଦିନେ କି ଦୁଇଦିନ ନୁହେଁ ଲଗାତର ମାସେ ହେଲା ଖୋଦ ସରିଗଣ୍ଡା ପଞ୍ଚାୟତବାସୀ ପିଇବା ପାଣିରୁ ବଞ୍ଚିତ ହୋଇଛନ୍ତି। ଏହି ଅସନ୍ତୋଷ ସୋମବାର ଉଗ୍ରରୂପ ଧାରଣ କରିଥିଲା। ଗାଁର ମହିଳା ଓ ପୁରୁଷମାନେ ଗରା, ମାଠିଆ, ବାଲଟି ରଖି ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ବହୁଳ ବ୍ୟବହୃତ ଏହି ଜାତୀୟ ରାଜପଥରେ ବିକଳ୍ପ ଯାତାୟାତ ବ୍ୟବସ୍ଥା ନ ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବରପାଇ ସ୍ଥାନୀୟ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିନୟରଞ୍ଜନ ପରିଡ଼ା ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲେ। ପରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତତ୍କାଳ ପଦକ୍ଷେପ ଗ୍ରହଣ କରିବାରେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ଏଥିସହ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ, ଦୀର୍ଘଦିନ ଧରି ପମ୍ପ ହାଉସର ବକେୟା ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବା ଏବଂ ତତ୍କାଳ ପୈଠ ନିମନ୍ତେ ପଦକ୍ଷେପ ନିଆଯିବାରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି ବୋଲି କହିଛନ୍ତି।

# ଆଜି ପୁରୀରେ ପହଞ୍ଚିବ ପ୍ରଥମ ରଥକାଠ

ନୟାଗଡ଼/ଦଶପଲ୍ଲା,୧୯ ।୧(ସମିସ): ମଙ୍ଗଳବାର ପୁରୀରେ ପହଞ୍ଚିବ ପ୍ରଥମ ପର୍ଯ୍ୟାୟ ରଥକାଠ। ସୋମବାର ଦଶପଲ୍ଲା ବନାଞ୍ଚଳ ଅନ୍ତର୍ଗତ ଟାକରା ଫରେଷ୍ଟ ସେକ୍ସନରୁ ପୁରୀ ରଥଖଳା ଅଭିମୁଖେ ରଥକାଠ ପଠାଯାଇଛି। ବନବିଭାଗ ଓ ମିଟୁକୁଳି ଭିଏସଏସ କମିଟି ସମନ୍ୱୟରେ ପାରମ୍ପରିକ ବିଧି ମତେ ପୂଜାର୍ଚ୍ଚନା କରି ନାମ ସଂକୀର୍ତ୍ତନ ତାଳେ ତାଳେ ରଥକାଠ ବୋଝେଇ ୨ଟି ଟ୍ରକକୁ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟରେ ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାସ, ବନପାଳ ରାକେଶ କୁମାର ସାହୁ ଓ ଆଦିବାସୀ ନେତା ଧନେଶ୍ୱର ଯାନୀ, ନବକିଶୋର ଯାନୀ ଓ ଗ୍ରାମର ଅନେକ ପୁରୁଷ ମହିଳା ଉପସ୍ଥିତ ଥିଲେ। ୨ଟି ଟ୍ରକରେ ମୋଟ ୪୮ ଖଣ୍ଡ ଅସନ ଓ ଧଉରା କାଠ ପୁରୀ ଅଭିମୁଖେ ଯାଇଛି। ଗୋଟିଏ ଟ୍ରକରେ ୨୫ ଖଣ୍ଡ କାଠ ଯାଇଥିବା ବେଳେ ଅନ୍ୟଟିରେ ୨୩ ଖଣ୍ଡ କାଠ ବୋଝେଇ ହୋଇଛି। ମଙ୍ଗଳବାର ଦଶପଲ୍ଲା ମହାବୀର ମନ୍ଦିରଠାରେ ପୂଜାର୍ଚ୍ଚାନ କରାଯାଇ ରଥକାଠ ନୟାଗଡ଼ ଅଭିମୁଖେ ଆସିବ। ନୟାଗଡ଼ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚାନ କରାଯାଇ ପୁରୀ ଅଭିମୁଖେ ଯିବ ବୋଲି ନୟାଗଡ଼ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।



## ଜିଲ୍ଲାସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା



ଖଣ୍ଡପଡ଼ା,୧୯ ।୧(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଜିଲ୍ଲାସ୍ତରୀୟ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ଯୁବନେତା ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ମିଶ୍ର, ଓଡ଼ିଶା ବଡି ବିଲ୍ଡିଂ ସଂଘ ସହ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦାରିଦ୍ର୍ୟ ତାଡ଼ନା ସହି ନ ପାରି ପ୍ରଶାସନ ହାତକୁ ହସ୍ତାନ୍ତର ଘଟଣା

# ଶିଶୁ ଭବନରେ ଶିଶୁକନ୍ୟା, ଅସ୍ତ୍ରୋପଚାର ସମ୍ଭାବନା

ନୟାଗଡ଼,୧୯ ।୧(ସମିସ): ଦାରିଦ୍ର୍ୟ ତାଡ଼ନା ସହି ନ ପାରି ପ୍ରଶାସନ ହାତକୁ ଶିଶୁକନ୍ୟାକୁ ହସ୍ତାନ୍ତର କରାଯିବା ପରେ ପ୍ରଶାସନ ଦାୟିତ୍ୱ ସହକାରେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ପଠାଇଛି। ଆମ୍ବୁଲାନ୍ସ ଯୋଗେ ଶିଶୁକନ୍ୟାକୁ କଟକ ପଠାଯାଇଥି। ସେଠାରେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଏସ୍ଏନସିୟୁରେ ରଖାଯାଇଛି। ଶିଶୁକନ୍ୟା ମୁଣ୍ଡରେ ଥିବା ଆବୁକୁ ଅସ୍ତ୍ରୋପ୍ରଚାର କରାଯିବା ସମ୍ଭାବନା ରହିଥିବା ଡାକ୍ତର କହିଛନ୍ତି। ଉକ୍ତ ଆବୁରୁ ରକ୍ତସ୍ରାବ ହେଉଥିବା ସୂଚନା ମିଳିଛି। ଶିଶୁକନ୍ୟାର ଅଧିକ ଚିକିତ୍ସା ପାଇଁ ସୋମବାର ତା'ର ରକ୍ତ ନମୁନା ସଂଗ୍ରହ କରାଯାଇଛି। ମଙ୍ଗଳବାର ରିର୍ପୋଟ ଆସିବା ପରେ ଡାକ୍ତର ଯାହା ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଏକ ଅଭାବନୀୟ ଘଟଣା ଘଟିଥିଲା। ଚାରିଦିନ ତଳେ ଜନ୍ମ ନେଇଥିବା ଶିଶୁକନ୍ୟାକୁ ବାପା ଓ ମାଆ ପ୍ରଶାସନ ହାତକୁ ଟେକି ଦେଇଥିଲେ। ଦାରିଦ୍ର୍ୟ ପାଇଁ ଜନ୍ମିତ ଶିଶୁର ବାତ୍ସଲ୍ୟ ପ୍ରେମକୁ ପର କରି କୋଳ ଖାଲି କରିଦେଇଥିଲା ମାଆ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଗଉଡ଼ ବୋଦସା ଗ୍ରାମର ପପୁ ପରିଡ଼ାଙ୍କ ସ୍ତ୍ରୀ ଶୈଳ ବେହେରା ନୟାଗଡ଼ ଜିଲ୍ଲା ମେଡିକାଲରେ ଗତ ୧୫ ତାରିଖ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଶିଶୁକନ୍ୟାଟି ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ତାହାର ଓଜନ ମାତ୍ର ୧୬ ଶହ ଗ୍ରାମ ରହିଥିଲା। ଜନ୍ମରୁ ୪ ଦିନ ହେବ ଆଖି ଖୋଲୁ ନ ଥିଲା। ଏପରିକି ଶିଶୁକନ୍ୟାର ମୁଣ୍ଡରେ ଏକ ବଡ଼ ଆବୁ ରହିଥିଲା। ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏସ୍ଏନସିୟୁରେ ରଖାଯାଇଥିଲା। ଅଧିକ ଚିକିତ୍ସା ଆବଶ୍ୟକ ପଡୁଥିବା ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ଚଳିବାକୁ ଅସମର୍ଥ ଥିବା ବେଳେ ରୋଗୀଣା ଶିଶୁକୁ ବାହାରକୁ ନେଇ ଚିକିତ୍ସା କରିବା ବାପା ମାଆଙ୍କ ପକ୍ଷରେ ସମ୍ଭବ ନ ଥିଲା। ଚିକିତ୍ସା ପାଇଁ ଅର୍ଥ ନ ଥିବା କହି ପରିବାର ଲୋକେ ଛୁଆକୁ ନେବାକୁ ମନା କରି ଦେଇଥିଲେ। ଉଭୟ ବାପା ଓ ମାଆ ରବିବାର ୪ ଦିନର ଶିଶୁକନ୍ୟାକୁ ପ୍ରଶାସନ ହାତକୁ ଟେକି ଦେଇଥିଲେ। ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଚାଇଲ୍ଡ ଲାଇନ କର୍ମଚାରୀ ଶିଶୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗ୍ରହଣ କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରିଥିଲେ। ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ଶିଶୁକନ୍ୟାକୁ କଟକ ଶିଶୁଭବନ ପଠାଯିବା ବ୍ୟବସ୍ଥା ହୋଇଥିଲା। ଶିଶୁକନ୍ୟାକୁ ସା ଅନୁଷ୍ଠାନ ଜରିଆରେ ଚିକିତ୍ସା ପାଇଁ କଟକ ପଠାଯାଇଥିଲା। ଶିଶୁକନ୍ୟାର ଅବସ୍ଥା ସ୍ଥିର ଥିବା ଏବଂ ତା'ର ଚିକିତ୍ସା ସମ୍ବନ୍ଧରେ ଅନୁଷ୍ଠାନ ମୁଖ୍ୟଙ୍କଠାରୁ ସୂଚନା ମିଳିଛି।

## ଆସୁରକୁମାରୀ ପୀଠରେ ପ୍ଲାଷ୍ଟିକମୁକ୍ତ ସଚେତନତା



ରଣପୁର,୧୯ ।୧(ସମିସ): ରଣପୁର ବନବିଭାଗ ପକ୍ଷରୁ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ ଓ ବଜ୍ରକୋଟ ଗ୍ରାମବାସୀଙ୍କ ସହଯୋଗରେ ଆସୁରକୁମାରୀ ପୀଠ ପରିସରରେ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନସ୍ଥଳୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବଜ୍ରକୋଟ ସରପଞ୍ଚ ବନିତା ବଳିଆରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଆସୁରକୁମାରୀ ପୀଠକୁ ପ୍ଲାଷ୍ଟିକମୁକ୍ତ କ୍ଷେତ୍ର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଆସୁରକୁମାରୀ କମିଟିର ସମସ୍ତ ସଦସ୍ୟ, ବଜ୍ରକୋଟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଅଂଶଗ୍ରହଣ କରିଥିଲେ। ବନ ବିଭାଗ ଅଧିକାରୀ ସିନ୍ଧୁଚରଣ ସିଂହ, ଫରେଷ୍ଟର ସଞ୍ଜୀବ କୁମାର ବେହେରାଙ୍କ ନେତୃତ୍ୱରେ ବିଭାଗର ରଞ୍ଜନା ପରିଡ଼ା, ଅଶୋକ ତୋଟାଳ, ପପୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମସ୍ତେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ଓ ପର୍ଯ୍ୟଟନସ୍ଥଳୀକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଅସୁରକୁମାରୀ ପୀଠ ସଫେଇ କରିଥିଲେ।

● ଦାବି ଜଣାଇଲା ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି

# ସହ ଶ୍ରମ ଅଧିକାରୀ କାମ କରୁ ନ ଥିବା ଅଭିଯୋଗ



ନୟାଗଡ଼,୧୯ ।୧(ସମିସ): ନୟାଗଡ଼ ଜିଲ୍ଲା ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ସୋମବାର ଜିଲ୍ଲାପାଳ ମଧୁମିତା ରଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଓ ନୟାଗଡ଼ ବ୍ଲକରେ କାର୍ଯ୍ୟରତ ସହ ଶ୍ରମ ଅଧିକାରୀ ସୁଶ୍ରୀ ମୋନିକା ସେଠ୍ ଶ୍ରମିକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଶହ ଶହ ଶ୍ରମିକଙ୍କ ଆବେଦନପତ୍ରକୁ ପକାଇ ରଖି ସମୟ ଗଡ଼ାଇ ଚାଲୁଛନ୍ତି। ରିନ୍ୟୁଆଲ୍ ଆପ୍ରୁଭ କରୁ ନ ଥିବାରୁ ଅନେକ ନିର୍ମାଣ ଶ୍ରମିକଙ୍କ ପରିଚୟପତ୍ର ରଦ୍ଦ ହେବାକୁ ବସିଲାଣି। ନିରୀହ ଶ୍ରମିକମାନେ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଅନ୍ୟ ବ୍ଲକ ଦାୟିତ୍ୱରେ ଥିବା ଏଏଲଓମାନେ ସେମାନଙ୍କ ଦାୟିତ୍ୱ ଠିକ ଭାବେ ପରିଚାଳନା କରୁଥିବା ବେଳେ ନୟାଗଡ଼ ଏଏଲଓଙ୍କ ଦାୟିତ୍ୱହୀନତାକୁ ନେଇ ସମନ୍ୱୟ ସମିତି ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛି।

## ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଦଶପଲ୍ଲା,୧୯ ।୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବୁଗୁଡ଼ା କଲୋନୀସ୍ଥିତ ମଣିନାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହାର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ରାଧାମୋହନ କର୍ମୀ ପରିଚାଳନା କରିଥିବା ବେଳେ ନୀହାର ରଞ୍ଜନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ନୀଳମଣି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିବରଣୀ ପଠନ ବେଳେ ୧୯୯୪ ମସିହା ମାର୍ଚ୍ଚ ୧୭ ତାରିଖ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ହରିହର ମହାପାତ୍ର ଓ ସଭାପତି ଜଗଦୀଶ କହଁର ତଥା ଅଞ୍ଚଳବାସୀଙ୍କ ସହାୟତାରେ ପ୍ରତିଷ୍ଠିତ ଏହି କଲେଜ କେଉଁଭଳି ଭାବେ ବହୁ ବାଧାବିଘ୍ନ ମଧ୍ୟରେ ୨୭ ବର୍ଷ ଧରି ଅଞ୍ଚଳରେ ତା'ର ଗୌରବ ବଜାୟ ରଖିଛି ସେ ସମ୍ପର୍କରେ ଅଧ୍ୟାପକ ସାହୁ ସମସ୍ତଙ୍କୁ ଅବଗତ କରିଥିଲେ। ଏଥିସହ ଅନୁଷ୍ଠାନର ୬ଟି ମୌଳିକ ସମସ୍ୟାର ସମାଧାନ କିଭଳି ହେବ ସେ ନେଇ ଅତିଥିଙ୍କୁ ଅବଗତ କରାଇଥିଲେ। ୬ଟି ସମସ୍ୟା ମଧ୍ୟରେ କଲେଜରେ ପାଠାଗାର, ସାଇକଲ ଷ୍ଟାଣ୍ଡ ଓ ନଳକୂପ ଆଦି ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ ଯୋଗଦେଇଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଗଣିଆ,୧୯ ।୧(ସମିସ): ଗଣିଆ ବ୍ଲକ ସଭାଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଡିଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବନ ବିଭାଗ, କୃଷି, ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ଭତ୍ତା, କଳାକାର ଭତ୍ତା, ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା, ପାନୀୟ ଜଳ, ଏନଆରଜିଏସ, ଷ୍ଟ୍ରିଟ୍ ଲାଇଟ୍ ସମ୍ପର୍କିତ ଅଭିଯୋଗ ହୋଇଥିଲା। ବାଇପାସ୍ ନିର୍ମାଣ ପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ ସଂଘ ତରଫରୁ ନିବେଦନ କରାଯାଇଥିଲା। ବାଇପାସ୍ ନିର୍ମାଣ କାର୍ଯ୍ୟ କେତେଦୂର ଯାଇଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛାମୁଣ୍ଡିଆ ରାସ୍ତା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ସହକାରୀ ଯନ୍ତ୍ରୀ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଜୀକରଣ ଘୋଟାଲା

# ଜିଲ୍ଲା ବାହାରେ କନ୍ୟାଭ୍ରୂଣ ହତ୍ୟା

ନୟାଗଡ଼,୧୯ ।୧(ସମିସ)

ନୟାଗଡ଼ ଜିଲ୍ଲା କନ୍ୟାଭ୍ରୂଣ ହତ୍ୟା ପାଇଁ ସାରା ବିଶ୍ୱରେ ନିନ୍ଦିତ ହେଉଛି। ଦୀର୍ଘବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ତଥାପି ଏଥିରେ ସୁଧାର ଆସିବାର ନାଁ ଧରୁନାହିଁ। କନ୍ୟାଭ୍ରୂଣ ହତ୍ୟା ଓ ନାବାଳିକା ବିବାହ ଜିଲ୍ଲା ପାଇଁ ବଡ଼ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଯାହା ପ୍ରଶାସନ, ରାଜନେତା ଏବଂ ବୁଦ୍ଧିଜୀବୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ନୟାଗଡ଼ ଜିଲ୍ଲାରେ ୨୦୦୭ରେ କନ୍ୟାଭ୍ରୂଣ ହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ତା' ପରଠାରୁ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟୁଛି। ୧୯୯୧ ଜନଗଣନା ଅନୁସାରେ ଜିଲ୍ଲାରେ ୧୦୦୦ ପୁଅରେ ୯୫୦ ଝିଅ ଥିବାବେଳେ ୨୦୦୧ ଜନଗଣନାରେ ୧୦୦୦ ପୁଅରେ ୯୦୪ ଝିଅ ଏବଂ ୨୦୧୧ ଜନଗଣନା ଅନୁସାରେ ୧୦୦୦ ପୁଅରେ ୮୫୫ ଝିଅ ରହିଥିଲେ। ଝିଅ ସଂଖ୍ୟା କମି ଏବେ ପ୍ରତି ହଜାରେ ପୁଅ ଅନୁପାତରେ ୭୯୪ ଝିଅ ରହିଥିବା ଏନଏଫ୍ଏସସି ରିର୍ପୋଟ କହୁଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ସର୍ଭେ ଅନୁସାରେ, ନୟାଗଡ଼ ଜିଲ୍ଲାରେ ପ୍ରତି ୧ ହଜାର ପୁଅରେ ୮୧୭ ଝିଅ ରହିଛନ୍ତି। ଏଭଳି ସମସ୍ୟାର ମୂଳ କାରଣ ଖୋଜିବା ବେଳକୁ ଅତି ସାଂଘାତିକ କଥା ସାମ୍ନାକୁ ଆସୁଛି। ଜିଲ୍ଲାର ଅନେକ ମହିଳା ଜିଲ୍ଲା ବାହାର କ୍ଲିନିକ ଓ ନର୍ସିଂହୋମକୁ ଯାଇ ଭ୍ରୂଣହତ୍ୟା କରୁଥିବା ଅଭିଯୋଗ ହେଉଛି। ଯେଉଁ ମା'ମାନେ କନ୍ୟା ସନ୍ତାନ ଚାହୁଁନାହାନ୍ତି, ସେମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ମମତା କାର୍ଡ ପାଇଁ ଯୋଗାଯୋଗ କରୁନାହାନ୍ତି। ଭ୍ରୂଣ ଚିହ୍ନଟ ନ ହେବା ପର୍ଯ୍ୟନ୍ତ ସେମାନେ ଗର୍ଭବତୀ ହେବା କଥାକୁ ଲୁଚାଇ ରଖୁଥିବା ଅନେକ ଅଙ୍ଗନବାଡ଼ି କର୍ମୀ କହିଛନ୍ତି। ଏପରିକି ଯେଉଁ ମହିଳା ପଞ୍ଜୀକରଣ ପରେ ଗର୍ଭପାତ କରୁଛନ୍ତି, ସେମାନଙ୍କ ନାମ ମମତା ତାଲିକାରୁ ବାଦ୍ ଦିଆଯାଉଛି। ଯାହା ଉପରେ ସ୍ୱାସ୍ଥ୍ୟ ବିଭାଗ ତଦାରଖ ମଧ୍ୟ କରୁନାହିଁ।

ଏହା ବାଦ୍ ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରରେ ହିଁ ଜାଣିଶୁଣି ଘୋଟାଲା କରାଯାଉଛି। ବେଆଇନ ଗର୍ଭପାତ କରିଥିବା ମହିଳାଙ୍କ ସମ୍ପର୍କରେ ଅଙ୍ଗନବାଡ଼ି ଓ ଆଶାକର୍ମୀ ରିର୍ପୋଟ କରୁନାହାନ୍ତି। କୌଣସି କାରଣରୁ ଗର୍ଭପାତ ହୋଇଥିବା ରିର୍ପୋଟ କରୁଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଛି। ବେଆଇନ ଗର୍ଭପାତ କରିବାକୁ ଚାହୁଁଥିବା ମହିଳାଙ୍କୁ ଆଶାକର୍ମୀମାନେ ସହଯୋଗ କରୁଛନ୍ତି। ଆଶାକର୍ମୀମାନେ ଦଲାଲଙ୍କ ମାଧ୍ୟମରେ ଅନ୍ୟ ଜିଲ୍ଲା କ୍ଲିନିକ ଓ ନର୍ସିଂହୋମକୁ ପଠାଉଥିବା ଅଭିଯୋଗ ହେଉଛି। ଜିଲ୍ଲାର ତଳ ସ୍ତରରୁ ହିଁ କରାଯାଉଥିବା ଏଭଳି ଘୃଣ୍ୟକାର୍ଯ୍ୟକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଥିବାରୁ ଏବେ ସାଂଘାତିକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଅନ୍ୟପକ୍ଷେ, ଜିଲ୍ଲା ଭିତରେ ହିଁ ଅନେକ କ୍ଲିନିକରେ ବେଆଇନ ଗର୍ଭପାତ ହେଉଥିବା ବେଳେ ସବୁଠାରୁ ଅଧିକ ଗର୍ଭପାତ କଟକ ଜିଲ୍ଲା ନରସିଂହପୁର ଓ ଖୋର୍ଦ୍ଧାରେ କରାଯାଉଥିବା ଅଭିଯୋଗ ହେଉଛି। ଗଣିଆ, ଖଣ୍ଡପଡ଼ା ବ୍ଲକର ବହୁ ବ୍ୟକ୍ତି କଟକ ଜିଲ୍ଲା ନରସିଂହପୁରର କିଛି କ୍ଲିନିକ ଉପରେ ଭରସା କରୁଥିବା ବେଳେ ନୟାଗଡ଼, ଭାପୁର, ରଣପୁର ଓ ଅନ୍ୟ ଅଞ୍ଚଳବାସୀ ଖୋର୍ଦ୍ଧାକୁ ନିରାପଦ ଭାବୁଛନ୍ତି। ଅର୍ଥ ରୋଜଗାର ଆଶାରେ ଛୋଟ କ୍ଲିନିକଗୁଡ଼ିକ ବେଆଇନ ଗର୍ଭପାତ କରୁଥିବା ଅଭିଯୋଗ ହେଉଛି।

# ଦେଶୀ ମଦ ଜବତ; ମହିଳାଙ୍କ ସମେତ ତିନି ଗିରଫ



ବାଲୁଗାଁ,୧୯।୧(ସମିସ): ଚିଲିକା ବିଧାୟକ ତଥା ଅବକାରୀ ମନ୍ତ୍ରୀଙ୍କ ନିଜ ଇଲାକା ଚିଲିକା ନିର୍ବାଚନ ମଣ୍ଡଳୀ ପାଲଟିଛି ବେଆଇନ ମଦ ବ୍ୟବସାୟର ପେଣ୍ଠସ୍ଥଳ। ବାଲୁଗାଁ ଥାନା ଅଞ୍ଚଳରେ ସୋମବାର ଚଢ଼ଉ କରାଯାଇ ଦେଶୀ ମହୁଲି ମଦ ଜବତ ସହ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୩.୬ ଲିଟର ମଦ ଜବତ କରିଛି ବିଭାଗ। ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ସୋମବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅନ୍ତର୍ଗତ ସୁବୁଦ୍ଧିପାଟଣା ଛକ, ବଡ଼କୂଳ ନିକଟ ଓଡି ଆର୍ଟ ମ୍ୟୁଜିୟମ ଏବଂ ଗୋପିନାଥପୁର ଛକର ପୋଷ୍ଟଅଫିସ ନିକଟରେ ଚଢ଼ଉ କରି ବଡ଼କୂଳ ଅଞ୍ଚଳର ବେଆଇନ ମଦ ବେପାରୀ ରାମଚନ୍ଦ୍ର ସାହୁ (୪୬) ଓ ରଘୁ ବେହେରା (୫୫)ଙ୍କୁ ଗିରଫ କରିଥିବା ବେଳେ ଅନ୍ତରକିଆରୀ ଅଞ୍ଚଳର ବେଆଇନ ମହିଳା ମଦ ବେପାରୀ ସଇଳବାଳା ମହାରଣା (୩୮)ଙ୍କୁ ଗିରଫ କରିବା ସହ ତିନି ଅଭିଯୁକ୍ତଙ୍କ ନିକଟରୁ ୨୦ଲିଟର ଦେଶୀ ମଦ ସହ ୧୩.୬ ଲିଟର ଆସ୍କାଫର୍ଟି ସମେତ ସମୁଦାୟ ୩୩.୬ ଲିଟର ଦେଶୀମଦ ଜବତ କରିବାରେ ସଫଳ ହୋଇଛି ବିଭାଗ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ତିନିଗୋଟି ପୃଥକ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ .ଲାଣ କରାଯାଇଛି। ଏହି ଚଢ଼ଉରେ ବାଲୁଗାଁ ଅବକାରୀ ବିଭାଗର ମିନକେତନ ମହାଲିକ, ଏଏସ୍‌ଆଇ ଅଶେଷ କୁମାର ପ୍ରଧାନ, ସିପାହୀ ରଂଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଶିକ୍ଷକଙ୍କ ମାତୃ ବିୟୋଗ

ବେଗୁନିଆ,୧୯।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପଠାଣି କୁମାର ସାହୁଙ୍କ ମା' ପ୍ରମିଳା ସାହୁ (୫୪)ଙ୍କ ପରଲୋକ ଘଟିଛି। ସେ ମସ୍ତିଷ୍କାଘାତ ଯୋଗୁ ଚିକିତ୍ସିତ ହେଉଥିଲେ। ଗ୍ରାମ୍ୟ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିବାବେଳେ ପୁଅ ପଠାଣି ଓ କାଳନ୍ଦୀ ମୁଖାଗ୍ନି ଦେଇଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ, ଶିକ୍ଷକନେତା ରବୀନ୍ଦ୍ର ନାଥ ସାହୁ, ସେବା ସମବାୟ ସମିତି ସଭାପତି ସୁଦର୍ଶନ ମାଣିକ, ସରପଞ୍ଚ ଲତା ସେଠୀ ଓ ସମାଜସେବୀ ବାଉରୀ ଶ୍ରୀଚନ୍ଦନଙ୍କ ସମେତ ସହକର୍ମୀ ଶିକ୍ଷକ/ଶିକ୍ଷୟିତ୍ରୀ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ବ୍ରାଉନ୍‌ସୁଗର ସହ ବୁଲେଟ ଜବତ; ଜଣେ ଗିରଫ

ବେଗୁନିଆ,୧୯।୧(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ସତ୍ୟାନନ୍ଦ ପାଟ୍ଟଶାଣୀଙ୍କ ଠାରୁ ୧୨.୧୩ ଗ୍ରାମ ବ୍ରାଉନ୍‌ସୁଗର, ନଗଦ ୧୫ ଶହ ଟଙ୍କା, ମୋବାଇଲ ଓ ବ୍ୟବହୃତ ବୁଲେଟ ଜବତ କରିଛି ପୁଲିସ। ଏହାସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି। ସତ୍ୟାନନ୍ଦ ରାଉତପଡ଼ା ଖଣି ନିକଟରେ ବ୍ୟବସାୟ କରିବାକୁ ଅପେକ୍ଷା କରିଥିବାବେଳେ ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରିଥିଲା।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରମଜୀବୀ ପ୍ରତିରୋଧ ଦିବସ

# 'ଡବଲ ଇଞ୍ଜିନ ସରକାର ଚାଷୀ ଓ ଜନବିରୋଧୀ'

ଖୋର୍ଦ୍ଧା,୧୯।୧(ସମିସ)




ଓଡିଶା ମିଡ୍ ଡେ' ମିଲ୍ ୱାର୍କସ ୟୁନିୟନ, ସିଟୁ, ଏଆଇକେଏସ୍ ଖୋର୍ଦ୍ଧା ମିଳିତ ଆନୁକୂଲ୍ୟରେ ଶ୍ରମଜୀବୀ ପ୍ରତିରୋଧ ଦିବସ ଅବସରରେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୬ଦଫା ଦାବିରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରକାଶ ଥାଉକି, ଜିଲ୍ଲାର କୃଷକନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ରାଜ୍ୟ କୃଷକ ନେତା ଅଭିରାମ ବେହେରା, ଶ୍ରମିକ ନେତା ଶୈଳେଶ ବଳିଆରସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ମୋଟରଯାନ ପ୍ରଦୂଷଣ ସାର୍ଟିଫିକେଟ ଆଳରେ ସାଧାରଣ ଜନତାଙ୍କୁ ରାଜ୍ୟ ସରକାର ଶୋଷଣ କରୁଛନ୍ତି। ଏ ସରକାର ଜନବିରୋଧି ବୋଲି କହିଥିଲେ। ସରକାର ଏବଂ ମିଲର୍ସଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝାରେ ବଳି ପଡୁଛି ଚାଷୀ। ମଣ୍ଡି ସ୍ୱାଭାବିକ ହୋଇନାହିଁ। ଶୀତ କାକରରେ ଚାଷୀ ମଣ୍ଡିରେ ଧାନ ଜଗି ରହିଛି। ଚାଷୀଙ୍କୁ ସରକାର ଉପେକ୍ଷା କରୁଛନ୍ତି। ଟାଟା ପାୱାର ଦ୍ୱାରା ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଦେୟ ମାଧ୍ୟମରେ ଜନସାଧାରଣଙ୍କୁ ଏ ସରକାର ଲୁଟ୍ କରୁଛି ବୋଲି କହିଥିଲେ। ସରକାରଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଆସନ୍ତା ୧୨ଫେବୃୟାରୀରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଶ୍ରମିକ ବିରୋଧୀ ଶ୍ରମକୋଡ ତୁରନ୍ତ ବାତିଲ କରିବା, ମନରେଗା ଆଇନ ଅପରିବର୍ତ୍ତିତ ଏବଂ ଭି.ବି. ଜି-ରାମ ଜି ଆଇନ -୨୦୨୫ ବାତିଲ କରିବା, ବିହନ ବିଲ୍,

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର

ବିଦ୍ୟୁତ ସଂଶୋଧନ ବିଲ୍- ୨୦୨୫ ପ୍ରତ୍ୟାହାର କରିବା, ଓଡ଼ିଶାରେ ଧାନ କ୍ରୟ ସଂକଟ ତୁରନ୍ତ ସମାଧାନ କରିବା ଏବଂ ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ଶ୍ରମିକ ମାନ୍ୟତା, ମାସିକ ୨୬ ହଜାର ଟଙ୍କା ପ୍ରଦାନ ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗିରିଶ ମହାରଣା, ପ୍ରଦୀପ ନାୟକ, ପ୍ରଭାତ ପାଣିଗ୍ରାହ. କୃଷକନେତା ସାରଙ୍ଗଧର ବେହେରା, ଯୁବନେତା ବିଦ୍ୟୁଭୂଷଣ ମହାରଣା, ଆଦିବାସୀ ନେତା ଚମ୍ପୁରୁ ସୋରେନ, କର୍ମଚାରୀ ନେତା କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ ସାମିଲ ହୋଇଥିଲେ।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଚ୍‌ଆର୍ କନକ୍ଲେଭ୍




ଜଟଣୀ,୧୯।୧(ସମିସ): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଏବଂ ନ୍ୟାସନାଲ୍ ଏଚ୍‌ଆରଡି ନେଟ୍‌ୱାର୍କ ଭୁବନେଶ୍ୱର ଚାପ୍ଟରର ମିଳିତ ଆନୁକୂଲ୍ୟରେ ଏକ ଉଚ୍ଚସ୍ତରୀୟ ଏଚ୍‌ଆର୍ କନକ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। "ନୂତନ ଶ୍ରମ କୋଡ଼ର ପରିବର୍ତ୍ତିତ ପରିଦୃଶ୍ୟ' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ୍‌ମାନେ ଯୋଗଦେଇ ଭାରତର ପରିବର୍ତ୍ତିତ ଶ୍ରମ ଆଇନ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି କନକ୍ଲେଭ୍‌ରେ ଉତ୍ପାଦକ, ଆଇଟି, ସ୍ୱାସ୍ଥ୍ୟସେବା ଏବଂ ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରୁ ୧୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ୪ଟି ନୂତନ ଶ୍ରମ କୋଡ୍ ମଜୁରୀ , ସାମାଜିକ ସୁରକ୍ଷା , ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ନିରାପତ୍ତାର କାର୍ଯ୍ୟକାରିତା ଓ ଏହାର ପ୍ରଭାବ ସମ୍ପର୍କରେ ଏଠାରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଥିଲା।

ଏହି ଅବସରରେ ଏନ୍‌ଏଚ୍‌ଆରଡିଏନ୍ ଚାପ୍ଟରର ପ୍ରତିନିଧି କହିଥିଲେ ଯେ, ନୂତନ ଶ୍ରମ କୋଡ୍ ଭାରତର ଶିଳ୍ପ ସମ୍ପର୍କ କ୍ଷେତ୍ରରେ ଏକ ଐତିହାସିକ ପରିବର୍ତ୍ତନ ଆଣିଛି। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ସହ ଏହିଭଳି ସହଭାଗିତା ଆଗାମୀ ଦିନର ଏଚ୍‌ଆର୍ ବୃତ୍ତିଧାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ବିଭିନ୍ନ ପରିଚାଳନା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦେଇ ଶିଳ୍ପ ବିଶେଷଜ୍ଞଙ୍କ ସହ ମତ ବିନିମୟ କରିଥିଲେ। ଏହା ସେମାନଙ୍କୁ ଶ୍ରେଣୀଗୃହର ଶିକ୍ଷା ଏବଂ ବାସ୍ତବ ଶିଳ୍ପ ଜଗତର କାର୍ଯ୍ୟଧାରା ମଧ୍ୟରେ ଥିବା ଦୂରତାକୁ ବୁଝିବାରେ ସାହାଯ୍ୟ କରିଥିଲା ବୋଲି କୁହାଯାଇଛି।

## ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରେ ମକ୍‌ଡ୍ରିଲ୍



ଜଟଣୀ,୧୯।୧(ସମିସ): ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନରେ ଚଳନ୍ତା ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଲେ କିପରି ସୁରକ୍ଷିତ ଭାବେ ଯାତ୍ରୀଙ୍କୁ ଉଦ୍ଧାର କରାଯିବ ସେ ନେଇ ଏକ ମକ୍‌ଡ୍ରିଲ୍ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଆରପିଏଫ୍ ଓ ଜିଆରପି ପୁଲିସର ମିଳିତ ସହଯୋଗରେ ଆୟୋଜିତ ଏହି ମକ୍‌ଡ୍ରିଲରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଟ୍ରେନରେ ନିଆଁ ଲାଗିଲେ କିପରି ନିଆଁକୁ ଲିଭାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବେ ତାର କୌଶଳ ଦେଖାଇଥିଲେ। ଏଥିସହ ଉପସ୍ଥିତ ରେଳ କର୍ମଚାରୀ ଓ ସାଧାରଣ ଲୋକମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା।

## ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ



ବେଗୁନିଆ,୧୯।୧(ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଚିରାମାରୁ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୈକ୍ଷିକ ପରିଭ୍ରମଣ କରିଛନ୍ତି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ରାଜଭବନର ସୁରକ୍ଷା କର୍ମଚାରୀ ପବିତ୍ର କୁମାର ବିଶ୍ୱାଳଙ୍କ ସହଯୋଗରେ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପାଟିଙ୍କ ଅନୁମତି ନେଇ ରାଜଭବନ ପରିସରରେ ଥିବା ଉଦ୍ୟାନ ପରିଦର୍ଶନ କରିଥିଲେ। ଏହାସହ ପ୍ଲାନେଟୋରିୟମ, ସାଇନ୍ସ ପାର୍କ, ଖଣ୍ଡଗିରି ଓ ଉଦୟଗିରି ଆଦି ପରିଭ୍ରମଣ କରି ଶୈକ୍ଷିକ ବାତାବରଣରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ ପାରିବ ବୋଲି ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି।

## ପତିତପାବନ ଦେବଙ୍କ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



ନିରାକାରପୁର,୧୯।୧(ସମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ଚତୁର୍ଥ ବାର୍ଷିକ ଜନ୍ମ ଉତ୍ସବ ଓ ବଶ୍ୱଶାନ୍ତି ମହାଯଜ୍ଞ ୧୯ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ଏହି ଅବସରରେ ଗ୍ରାମବାସୀଙ୍କ ସହଯୋଗରେ ସିରୁଲି ମହାବୀର ପୁରୀଠାରୁ ଜ୍ୟୋତି ଓ ଗଦାଯାତ୍ରା ମହାସମାରୋହରେ ବଡ଼ପୋଖରୀଆରେ ପହଞ୍ଚିଛି। ଶହ ଶହ ଭକ୍ତଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ଜଗନ୍ନାଥ ସଡ଼କ। କାର୍ଯ୍ୟକ୍ରମରେ ୨୦ ତାରିଖ ଦିନ ଦାରୁକ୍ଷେତ୍ର ଛତ୍ରପଡାରୁ ଆଜ୍ଞାମାଳ ଆଗମନ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହେବ। ଦୈନନ୍ଦିନ ହୋମଯଜ୍ଞ, ପୂଜାର୍ଚ୍ଚନା ଚାଲିବା ସହିତ ୨୫ରେ ପୂର୍ଣ୍ଣାହୁତି ହେବ।

# ପିଏନ୍ କଲେଜ୍‌ରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ




ଖୋର୍ଦ୍ଧା,୧୯।୧(ସମିସ): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର୍ସ ୟୁନିଟ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଡ଼କ-ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ କଲେଜ ପରିସରରୁ ଶୋଭାଯାତ୍ରାରେ ବାହାରି ୧୬ନଂ ଜାତୀୟ ରାଜପଥ ପର୍ଯ୍ୟନ୍ତ ଯାଇଥିଲେ।

ରାସ୍ତାରେ ଯାଉଥିବା ପଥଚାରୀ ଏବଂ ଗାଡ଼ି ଚାଳକମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ବିଷୟରେ ସଚେତନ କରାଇବା ସହ ସତର୍କତାର ବାର୍ତ୍ତା ବାଣ୍ଟିଥିଲେ। ରୋଶନ୍ ପରଭିନ୍, ସୋମେଶ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସାହୁ, ସାଗରିକା ହାତି, ସୌରଭ ପୃଷ୍ଟି, ରାଜେଶ ବାହାଦୁର ପ୍ରମୁଖ ୟୁନିଟ୍‌ର ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡଃ. ବିଦ୍ୟୁଶ୍ରୀ ମିଶ୍ର, ଉପାଧକ୍ଷ ଡଃ. ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଆଡ୍‌ମିନ୍‌ଷ୍ଟ୍ରେଟର ପ୍ରମୋଦ କୁମାର ସାହୁ, ଡ. ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରେଞ୍ଜର୍ସ ଲିଡ଼ରସ ଅଧାପିକା ତରୁଲତା ମଲ୍ଲିକ୍, ରୋଭର ଲିଡର ଅଧାପକ ଲିଙ୍ଗରାଜ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କୁହୁଡ଼ି ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଟାଙ୍ଗୀ,୧୯।୧(ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡି ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ମମତା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ଯୋଗ ଦେଇ କର୍ତ୍ତବ୍ୟନିଷ୍ଠା ଓ କଠିନ ପରିଶ୍ରମ କଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହ, ସାମ୍ବାଦିକ ରମେଶ ଚନ୍ଦ୍ର ନାଇକ୍ର, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଜେବି ହାଇସ୍କୁଲ ପୁରାତନ ବ୍ୟାଚ୍‌ର ବନ୍ଧୁମିଳନ

ଖୋର୍ଦ୍ଧା,୧୯।୧(ସମିସ): ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ୧୯୯୩ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଧାଂଶୁ ରାଉତରାୟ, ବ୍ରିଜେଶ ପ୍ରଧାନ, ଅଜୟ ମହାରଣା, ନାଗଭୂଷଣ ଜେନା, ପ୍ରଶାନ୍ତ ପରିଡା, କୃଷ୍ଣଚନ୍ଦ୍ର ସ୍ୱାଇଁ ଏବଂ



ଭାଗିରଥି ବଡ଼ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ପୁରୁଣା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହ ଆଗାମୀ ଦିନରେ ବିଜେବି. ହାଇସ୍କୁଲର କିପରି ଉନ୍ନତି ସାଧନ ହୋଇପାରିବ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ୧୯୯୩ବ୍ୟାଚ୍ ଦ୍ୱାରା ବିଭିନ୍ନ ଜନସେବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ଆଗାମୀ ବର୍ଷ କିପରି ଆହୁରି ସରସ ସୁନ୍ଦର ବନ୍ଧୁମିଳନ ହୋଇପାରିବ ସହମତି ପ୍ରକାଶ ପାଇଥିଲା।

# ହାବେଳି ପଡ଼ିଆରେ କ୍ରିକେଟ୍ ଧମାକା; ରାମେଶ୍ୱର ଚାମ୍ପିଅନ୍

ଖୋର୍ଦ୍ଧା,୧୯।୧(ସମିସ): ଖୋର୍ଦ୍ଧା ପୌରାଞ୍ଚଳ ୮ନଂ ୱାର୍ଡ଼ରେ ଥିବା ମା'ମଙ୍ଗଳା କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଦିନିକିଆ କ୍ରିକେଟ୍ ଧମାକା ଅନୁଷ୍ଠିତ ହୋଇଯାଇଛି। ଟେନିସ୍ ବଲ୍ ଦ୍ୱାରା ୧୦ ଓଭର ବିଶିଷ୍ଟ ଆୟୋଜିତ ମ୍ୟାଚ୍‌ରେ କାଇପଦର, ବାଘମାରୀ, ଅତ୍ରୀ, ରାମେଶ୍ୱର, ପତନିବର, ଗୋଳବାଇ, ଅର୍ଜୁନପୁର, ଝିଙ୍କିଖାରୀ ଏବଂ ସାରୁଅ ଅଂଚଳର ୮ ଗୋଟି ଟିମ୍‌କୁ ନେଇ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମେଶ୍ୱର ଏବଂ କାଇପଦର ଫାଇନାଲରେ ପ୍ରବେଶ କରି ଉଭୟଙ୍କୁ ଭେଟିଥିଲେ। ତେବେ ରାମେଶ୍ୱର ଟିମ୍ ଚାମ୍ପିଅନ୍ ହୋଇଥିବାବେଳେ କାଇପଦର ରନର୍ସ ଅପ୍ ହୋଇଥିଲା। ଚମ୍ପିଅନ ଦଳକୁ ଟ୍ରଫି ସହିତ ୨୫୦୦୦ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫୦୦୦ ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲେ। ୮ନଂ ୱାର୍ଡ଼ର କାଉନସିଲର ସୁଶାନ୍ତ କୁମାର ଜେନା ଅତିଥିଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନି ସମାରୋହରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି (ଟିଟନ), ଖୋର୍ଦ୍ଧା ପୌର ପରିଷଦର ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।




## ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବାଣପୁର,୧୯।୧(ସମିସ): ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଉତ୍ସବର ଉଦ୍‌ଘାଟନୀ ଦିବସରେ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରରୁ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଙ୍କ ସହ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ମଶାଲ ଶୋଭାଯାତ୍ରାରେ ଆସି ବିଦ୍ୟାଳୟରେ ପହଞ୍ଚି ଅଧକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। ଅଧକ୍ଷ ମଶାଲ ସ୍ଥାପନା କରିବା ପରେ ଉତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଥିଲା। ନଗରପାଳ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ବିଭୁଦେନ୍ଦୁ ମାନସିଂହ ଓ ଶିବ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଲିଙ୍କି ବରାଳ, କଲ୍ପଶ୍ରୀ ପ୍ରଧାନ, ଅର୍ଚ୍ଚନା ବେହେରା ଓ ସଂଘମିତ୍ରା ପାତ୍ର ଓ ସେନିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ସରିଲା ପ୍ରଶିକ୍ଷଣ; ଆଜି ଚିଲିକାରେ ଡଲ୍‌ଫିନ ଗଣନା

ବାଲୁଗାଁ,୧୯।୧(ସମିସ)




ପ୍ରତିବର୍ଷ ନୀଳାମ୍ବୁ ଚିଲିକା ହ୍ରଦରେ କେତେ ସଂଖ୍ୟକ ଇରାୱାଡ଼ି ଡଲଫିନ ରହିଛନ୍ତି ତାହାର ଆକଳନ କରାଯାଇଥାଏ। କ୍ରମାଗତ ଭାବେ ୨୦୧୯ ମସିହା ଠାରୁ ଡଲଫିନ ସଂଖ୍ୟା ବୃଦ୍ଧି ପାଇ ଆସୁଥିବା ବେଳେ ଚଳିତ ବର୍ଷ ୨୦ତାରିଖ ମଙ୍ଗଳବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ଭାବେ ଗଣନା କାର୍ଯ୍ୟକ୍ରମ ଆରମ୍ଭ କରିବେ। ସମଗ୍ର ଚିଲିକାକୁ ବାଲୁଗାଁ, ଚିଲିକା, ଟାଙ୍ଗି, ରମ୍ଭା ଓ ସାତପଡ଼ା ଆଦି ୫ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏହି ଡ଼ଲଫିନ ଗଣନା ନିମନ୍ତେ ୧୮ଗୋଟି ଟିମ୍‌ରେ ପ୍ରାୟ୧୩୦ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତନ୍ମଧ୍ୟରୁ ୧୦ଗୋଟି ଟିମ୍‌କୁ ଚନ୍ଦ୍ରାପୁଟ ସ୍ଥିତ ସିଡ଼ିଏ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଥିବା ବେଳେ ୮ଗୋଟି ଟିମ୍‌କୁ ସାତପଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଛି। ମଙ୍ଗଳବାର ସକାଳ ୭ଟାଠାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଶେଷ କରି ଡ଼ଲଫିନ ମାତ୍ରାଧିକ ଦୃଷ୍ଟି ଗୋଚର ହେଉଥିବା ଅଞ୍ଚଳ ସାତପଡ଼ା ଠାରେ ୮ ଗୋଟି ଟିମ୍ ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍ ଲାଇନ୍ ଟ୍ରାନଜାକ୍ଟ ପଦ୍ଧତିରେ ଡ଼ଲଫିନ୍ ଗଣନା କରିବେ। ସେମାନଙ୍କୁ ଜିପିଏସ୍ ଓ ଅନ୍ୟାନ୍ୟ

### ତିନିଦିନ ଯାତ୍ରୀବାହୀ ବୋଟ୍ ଓ ଡଙ୍ଗା ଚଳାଚଳ ମନା

ଯନ୍ତ୍ରାଂଶ ସମେତ ଗୋଟେ ଲେଖାଏଁ ଯନ୍ତ୍ରଚାଳିତ ଡ଼ଙ୍ଗା ଯୋଗାଇ ଦିଆଯାଇଛି। ଗଣନା ପରେ ଗଣନାକାରୀ ଟିମ ରିପୋର୍ଟ ଦେବା ପରେ ଭୁବନେଶ୍ୱର ସ୍ଥିତ ପିସିସିଏଫ୍ ଅଫିସରେ ଡଲଫିନ୍ ସଂଖ୍ୟା ପ୍ରକାଶ ପାଇବ। ମଙ୍ଗଳବାର, ବୁଧବାର ଓ ଗୁରୁବାର ତିନି ଦିନ ଗଣନା ସମୟରେ ଚିଲିକାରେ ଯାତ୍ରୀବାହୀ ବୋଟ ଓ ମତ୍ସ୍ୟଜୀବୀ ଡଙ୍ଗା ଚଳାଚଳ ବନ୍ଦ ରହିବ ବୋଲି ସୂଚନା ମିଳିଛି।

